


## ସଂକ୍ଷେପରେ

### କୀଟନାଶକ ପିଇ ମହିଳା ଗୁରୁତର

ଦିଗପହଣ୍ଡି, ୮।୧୦ (ଡି.ଏନ୍.ଏ.) ଦିଗପହଣ୍ଡି ବ୍ଲକ କୁଶପଡ଼ା ଗ୍ରାମର ଜଣେ ମହିଳା ସୋମବାର ସକାଳେ କୀଟନାଶକ ପିଇ ଦେବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କୌଣସି କାରଣରୁ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଦେଇଥିବା ମହିଳାଙ୍କ ସ୍ୱାମୀ ଡାକ୍ତରଙ୍କୁ କହିଛନ୍ତି।

### ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ

ବୁଗୁଡ଼ା,୮।୧୦(ଡି.ଏନ.ଏ.)- ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ା. ଗୋପବନ୍ଧୁ ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ କେନ୍ଦ୍ରର ଅଧକ୍ଷ ଗଙ୍ଗାଧର ବିଷୋୟୀ, ଆୟୁଷ ଡ଼ାକ୍ତର ପ୍ରାଚୀ ବିସ୍ୱାୟୀ ପାତ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ରଜନୀରାଣୀ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ଡାକ୍ତର ବେହେରା ତାଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକମାନେ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି ସ୍ୱାସ୍ଥ୍ୟ ପରୀକ୍ଷା କରି ଯୋଗ, ବ୍ୟାୟାମ ଉପରେ ଧ୍ୟାନ ଦେଇ ସୁସ୍ଥ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଟ୍ରଷ୍ଟର ଅଧକ୍ଷ ଗଙ୍ଗାଧର ବିଷୋୟୀ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଟି. ସତ୍ୟ ନାରାୟଣ ପାତ୍ର, ରଘୁନାଥ ସାହୁ, ଭିକାରୀ ଚରଣ ଜେନା, ସତ୍ୟ ନାରାୟଣ ଦାଶ, ଶ୍ୟାମବାବୁ ଆଚାରୀ, ବିପିନ ବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପ୍ରାୟ ୫୦ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଶେଷରେ ରଜନୀରାଣୀ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

### ବ୍ଲକସ୍ତରୀୟ ଗ୍ରାମୀଣ କୌଶଳ ଯୋଜନା ମେଳା

ଗଞ୍ଜାମ,୮।୧୦(ଡି.ଏନ.ଏ.)- ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଗ୍ରାମୀଣ କୌଶଳ ଯୋଜନା ମେଳା ଗୁରୁବାର ଅନୁଷ୍ଠିତ ହୋଇଥିଲା। ବିଡିଓ ଜ୍ୟୋତି ଶଙ୍କର ରାଏ ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଏମ୍ପି ପ୍ରତିନିଧି ଲକ୍ଷ୍ମୀ ଚରଣ ପାଢ଼ୀ, ଜିଲା ସଂଯୋଜକ ସୁନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ବେକାର ଯୁବତୀ ଯୁବକଙ୍କୁ କର୍ମ ନିଯୁକ୍ତି ଏହି ମେଳାର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକ ବିପିଏମ କବିନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ବିଭିନ୍ନ ପ୍ରକାର ୧୦ଟି ଷ୍ଟଲ ଖୋଲା ଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୭୦ ଜଣ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କୁ ସିଲେଇ ମେସିନ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ବ୍ଲକ କମ୍ପ୍ୟୁଟର ଅଧିକାରୀ ବ୍ରଜବନ୍ଧୁ ବେହେରା ଓ ଅନ୍ୟ ବ୍ଲକ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

■ଛତ୍ରପୁର ସରକାରୀ ବିଜ୍ଞାନ କଲେଜ

# ପୂରଣ ହେଉନି ଅଧ୍ୟାପକ, କର୍ମଚାରୀ ପଦବୀ

ଛତ୍ରପୁର,୮।୧୦(ଡି.ଏନ.ଏ)

ଛତ୍ରପୁର ସରକାରୀ ବିଜ୍ଞାନ କଲେଜରେ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଅଭାବ ରହିଛନ୍ତି। ଏଥିଯୋଗୁ କଲେଜରେ ପାଠପଢା ବାଧାପ୍ରାପ୍ତ ହେଉଛି। ଦୀର୍ଘବର୍ଷ ହେଲା ଅଧ୍ୟକ୍ଷ ପଦବୀ ଖାଲି ରହିଛି । ଏହି ପଦବୀ ଭାରପ୍ରାପ୍ତରେ ଚାଲିଛି। ଏ ନେଇ ପ୍ରତିବର୍ଷ କଲେଜ ପକ୍ଷରୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ପତ୍ର ଦ୍ୱାରା ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି । ଛାତ୍ର ସଂସଦ ନିର୍ବାଚନକୁ ଆଖି ଆଗରେ ରଖି କିଛି ଦିନ ପୂର୍ବେ ୨ ଛାତ୍ରୀ ଗୋଷ୍ଠୀ ପକ୍ଷରୁ ପୃଥକ ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ସମ୍ପର୍କରେ ଦାବିପତ୍ର ଦିଆଯାଇଥିଲା । ଅନ୍ୟପକ୍ଷରେ ଏହି ସମସ୍ୟା ଉପରେ ଛତ୍ରପୁର ନାଗରିକ କମିଟି ବୈଠକରେ ମଧ୍ୟ ଆଲୋଚନା ହୋଇଥିଲା। ପରେ ଜିଲାପାଳଙ୍କ ସହ ଏ ନେଇ ଆଲୋଚନା କରାଯିବା ସହ

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଛତ୍ରପୁର କଲେଜ।

ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ନାଗରିକ କମିଟିର ସମ୍ପାଦକ ସୁଧୀର ସାହୁ ସୂଚନା ଦେଇଛନ୍ତି। ଛତ୍ରପୁର ସରକାରୀ ବିଜ୍ଞାନ କଲେଜର ଡିଗ୍ରୀ କଲେଜରେ ପ୍ରିନ୍ସପାଲ ପଦବୀ ଖାଲି ପଡିଥିବା ବେଳେ ଓଡିଆ ବିଭାଗରେ ୫ ଅଧ୍ୟାପକ ପଦବୀରୁ ୩ ଖାଲି ପଡିଛି । ସେହିପରି ଇଂଲିଶ ବିଭାଗରେ ସମସ୍ତ ୩ ଅଧ୍ୟାପକ ପଦବୀ ଖାଲି ରହିଥିବା ବେଳେ ଇତିହାସ ବିଭାଗରେ ୫ଟିରୁ ୪ଟି, ରାଜନୀତି ବିଜ୍ଞାନ ବିଭାଗରେ ୩ଟିରୁ ୨ଟି, ଅର୍ଥନୀତି ବିଭାଗରେ ସମସ୍ତ ୫ଟି ପଦବୀ ଖାଲି ପଡିଛି। ଲଜିକ୍/ଫିଲୋସଫି ବିଭାଗରେ ସମସ୍ତ ଗୋଟିଏ, କମର୍ସ ବିଭାଗରେ ୫ଟିରୁ ୨ଟି, ଗଣିତ ବିଭାଗରେ ସମସ୍ତ ୩ଟି, ଫିଜିକ୍ସ ବିଭାଗରେ ସମସ୍ତ ୩ଟି, କେମେଷ୍ଟ୍ରି ବିଭାଗରେ ୪ଟି ରୁ ଗୋଟିଏ, ବଟାନି ବିଭାଗରେ ୩ଟିରୁ ୨ଟି ଏବଂ ଜୁଲୋଜି ବିଭାଗରେ ୩ଟିରୁ ୨ଟି ଅଧ୍ୟାପକ ପଦବୀ ଖାଲି ରହିଛି । ଡିଗ୍ରୀ କଲେଜରେ ଏପରି ମୋଟ ୩୨ ଅଧ୍ୟାପକ ପଦବୀ ଖାଲି ଅଛି। ସେହିପରି ଛତ୍ରପୁର ଜୁନିୟର କଲେଜରେ ଇଂଲିଶ ବିଭାଗରେ ୨ଟି ରୁ ଗୋଟିଏ ଅଧ୍ୟାପକ ପଦବୀ ଖାଲି ପଡିଥିବା ବେଳେ ଲଜିକ୍/ଫିଲୋସଫି, କମର୍ସ, କେମେଷ୍ଟ୍ରି, ବଟାନି, ଜୁଲୋଜି ଓ ଗଣିତ ବିଭାଗରେ ଜଣେ ଲେଖାଏଁ ଅଧ୍ୟାପକ ପଦବୀ ଖାଲି ରହିଛି । କଲେଜରେ ୨୪ ବିଭିନ୍ନ କର୍ମଚାରୀ ପଦବୀ ଖାଲି ରହିଛି । ୨୦୧୯ ଏପ୍ରିଲ ସୁଦ୍ଧା ଆଉ ୨୬ କର୍ମଚାରୀ ଅବସର ଗ୍ରହଣ କରିବେ ବୋଲି ଜଣାପଡିଛି।

## ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଧରାକୋଟ,୮।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଗ୍ରାମ ଉପକଣ୍ଠ ଏକ ସ୍ଥାନରୁ ସୋମବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଟିଲୁ ଗୌଡ଼ (୨୦)। ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆସିକା ଡାକ୍ତରଖାନାକୁ ପଠାଇଥିଲେ। ଟିଲୁଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

ପ୍ରକାଶ ଯେ, ପ୍ରତିଦିନ ଭଳି ଟିଲୁ ସୋମବାର ପୂର୍ବାହ୍ନରେ ନିଜ ଘରର ଛେଳିପଲ ଧରି ଗ୍ରାମ ନିକଟ ଗମ୍ଭାରିବନ୍ଧ ସମ୍ମୁଖସ୍ଥ ଜଙ୍ଗଲକୁ ଚରାଇବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଟିଲୁଙ୍କ ବାପା ଓ ସାନଭାଇ ତାଙ୍କ ପାଇଁ ଖାଦ୍ୟ ନେଇ ଯାଇଥିଲେ। ସେ ଖାଇ ସାରିବା ପରେ ବାପା ଓ ଭାଇ ଗ୍ରାମକୁ ଆସିଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଟିଲୁ ଘରକୁ ଫେରି ନ ଥିଲେ। ଏଥିପାଇଁ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ହେବାରୁ ତାଙ୍କୁ ଖୋଜିବା ପାଇଁ ଜଙ୍ଗଲକୁ ଯାଉଥିଲେ। ଗ୍ରାମ ଉପକଣ୍ଠ ଗମ୍ଭାରିବନ୍ଧ ସମ୍ମୁଖରେ ଟିଲୁଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। କୌଣସି ସୂତ୍ରରୁ ଖବରପାଇ ଧରାକୋଟ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏ ନେଇ ଧରାକୋଟ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଥାନା ଅଧିକାରୀ ପୂଜାରୀ କହିଛନ୍ତି ଯେ, ଏହା ଏକ ହତ୍ୟାକାଣ୍ଡ ସନ୍ଦେହ କରାଯାଉଛି। ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ଟିଲୁ ଜଣେ ଆଇଟିଆଇ ଛାତ୍ର ଥିଲେ।

## ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ


ଉପସ୍ଥିତ ଅତିଥିବୃନ୍ଦ।

ବୁଗୁଡ଼ା,୮।୧୦(ଡି.ଏନ.ଏ.)

ବୁଗୁଡ଼ା ବନ ବିଭାଗ ପକ୍ଷରୁ ଶୁକ୍ରବାର ତାଳଶାକର ମହାମାୟୀ ଉଚ୍ଚ ବିଦ୍ୟାଳୟରେ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା । ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ, ସମ୍ମାନିତ ଅତିଥି ବୁଗୁଡ଼ା ସୁଶାନ୍ତ କୁମାର ପଟ୍ଟନାୟକ, ବନ୍ୟପ୍ରାଣୀ ସୁରକ୍ଷା ସମିତି ସଭ୍ୟ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ ଓ ରାମଚନ୍ଦ୍ର ଭୂୟାଁ, ବନରକ୍ଷୀ ସୋନାଲି ପଣ୍ଡା, ରିଙ୍କୁ ସେଠୀ ଓ ଶିବରାମ ପାତ୍ର ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଉଚିତ ବୋଲି ସଚେତନ କରାଇଥିଲେ। କ୍ରୀଡ଼ା ଶିକ୍ଷକ ବି. ଗୋପାଳ ଚନ୍ଦ୍ର ପାତ୍ର ଏହାକୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ରମେଶ ଚନ୍ଦ୍ର ଆଲଟିଆ ଧନ୍ୟବାଦ ଦେଇଥିଲେ।

## ବଧୂ ହତ୍ୟା ଅଭିଯୋଗ: ସ୍ୱାମୀ, ଶ୍ୱଶୁର ଗିରଫ

ଛତ୍ରପୁର, ୮।୧୦(ଡି.ଏନ.ଏ)

ଛତ୍ରପୁର ଥାନା ବଡମାଧପୁର ଗାଁର ବଧୂହତ୍ୟା ଅଭିଯୋଗ ମାମଲାରେ ସ୍ୱାମୀ, ଶ୍ୱଶୁରଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ସ୍ୱାମୀ ଅଜୟ ପରିଡା ଓ ଶ୍ୱଶୁର ବିଜୟ ପରିଡା। ୬ ତାରିଖରେ ବୋହୂ ମିନତୀ ପରିଡା ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଶ୍ୱଶୁର ଘର ଲୋକେ ପୋଲିସକୁ କହିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା । ମୃତଦେହ ତଳେ ଥିବାରୁ ମିନତୀଙ୍କ ମୃତ୍ୟୁକୁ ନେଇ ପୋଲିସ ସନ୍ଦେହ ପ୍ରକାଶ କରିଥିଲା । ଅନ୍ୟପକ୍ଷରେ ମୃତା ମିନତୀଙ୍କ ଭଉଣୀ ଟିଙ୍କିନା ଦଳେଇଙ୍କ ପକ୍ଷରୁ ତାଙ୍କ ଭଉଣୀଙ୍କୁ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ଛତ୍ରପୁର ଥାନାରେ ଏତଲା ଦିଆଯାଇଥିଲା। ବିବାହ ପରଠାରୁ ଅଧିକ ଯୌତୁକ ଦାବି କରି ମିନତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା ବୋଲି ସେ ଏତଲାରେ ଦର୍ଶାଇଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୧୫୧/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ମିନତୀ ବିବାହ ସମୟରେ ଆଣିଥିବା ସୁନା ଅଳଙ୍କାର ଓ ଆସବାବପତ୍ରକୁ ରବିବାର ପୋଲିସ ଜବତ କରି ତାଙ୍କ ବାପଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସୋମବାର ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି। ସୂଚନାଯୋଗ୍ୟ, କୋଦଳାର ନବଘନ ଦଳେଇଙ୍କ ଝିଅ ମିନତୀଙ୍କର ୨୦୧୭ ଫେବ୍ରୁୟାରୀ ୧୬ ତାରିଖରେ ବଡମାଧପୁର ଗାଁର ଅଜୟଙ୍କ ସହ ବିବାହ ହୋଇଥିଲା।

## ସାହି ରାସ୍ତା ପାଇଁ ଦାବି

ଦାରିଙ୍ଗବାଡ଼ି, ୮।୧୦ (ଡି.ଏନ.ଏ.)– ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନ୍‌ବାଡ଼ି ପଞ୍ଚାୟତ ହାଇସ୍କୁଲରୁ କୁତ୍ତୁବାଡ଼ିକୁ କଂକ୍ରିଟ ରାସ୍ତା ନିର୍ମାଣ କରାଯିବାକୁ ଅଞ୍ଚଳବାସୀ ଦାବି କରଛନ୍ତି । ଦିର୍ଘବର୍ଷ ହେଲା ଉକ୍ତ ରାସ୍ତାକୁ ପ୍ରଶାସନ ପକ୍ଷରୁ ମରାମତି କରାଯାଉନାହିଁ। ଗ୍ରାମ ରମାଦେବୀ ଶାନ୍ତିମୟୀ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ସୋମବାର ବିଡିଓ ତ୍ରିଲୋଚନ ପାତ୍ରଙ୍କ ନିକଟରେ ଅଭିଯୋଗ କରାଯାଇଛି। ରାସ୍ତାରେ ଗ୍ରାମବାସୀଙ୍କ ସମେତ ନିକଟରେ ଥିବା ହାଇସ୍କୁଲ ଛାତ୍ରୀଛାତ୍ର ଯାତାୟାତ ବେଳେ ବହୁ ସମସ୍ୟା ଦେଖାଯାଉଥିବା ବିଡିଓଙ୍କୁ ଅବଗତ କରାଯାଇଥିଲା । ଉକ୍ତ ରାସ୍ତା ଉପରେ ଗ୍ରୀନବାଡ଼ି ସମେତ କୁତ୍ତୁବାଡ଼ ଓ କିଲାବାଡ଼ି ଆଦି ଗ୍ରାମବାସୀ ନିର୍ଭର କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ପ୍ରଶାନ୍ତି ଉଠାଣ ସିଂ, ସମ୍ପାଦିକା ସବିତା ନାୟକ ପ୍ରମୁଖ କହିଛନ୍ତି । ମହିଳା ଗୋଷ୍ଠୀ ସଦସ୍ୟଙ୍କ ସହ ସମିତିସଭ୍ୟ ପ୍ରକାଶ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ ।

## ରାଜନୀତି,ପଦାର୍ଥ ବିଜ୍ଞାନ ବିଭାଗର ପାଠଚକ୍ର

ଭଞ୍ଜନଗର,୮।୧୦(ଡି.ଏନ.ଏ.)

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ରାଜନୀତି ଓ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆଜିର ମାନବ ଅଧିକାର ଏବଂ ଏହା ସମ୍ମୁଖରେ ଥିବା ବିଭିନ୍ନ ପ୍ରତିବନ୍ଧକ ଉପରେ ଏକ ଆଲୋଚନା ଚକ୍ର ହୋଇଥିଲା । ମହାବିଦ୍ୟାଳୟ ଅଧକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ ସଭାରେ ସଭାପତିତ୍ୱରେ କରିଥିଲେ । ଛାତ୍ରୀ ରୋଜାଲିନ୍ ଗୌଡ଼ ସନ୍ଦର୍ଭଟିକୁ ପଠନ କରିଥିଲେ । ତାଙ୍କୁ ବିଭାଗୀୟ ଅଧ୍ୟାପିକା ସଞ୍ଜୁକ୍ତା ପଟ୍ଟନାୟକ, ଅଧ୍ୟାପକ ଡ.ସୁଶାନ୍ତ କୁମାର ମଲିକ ସହଯୋଗ କରିଥିଲେ । ଅଧ୍ୟାପକ ସୁଦର୍ଶନ ମହାପାତ୍ର, ପ୍ରଦୀପ ସ୍ୱର, ଦିବ୍ୟ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ତନୁଜା ପୂଜାରୀ, ପ୍ରତିମା ପାଣିଗ୍ରାହୀ, ଆରତୀ ପ୍ରଧାନ, ଆଲୋଚନାରେ ଭାଗ ନେଇଥିଲେ ।



ରାଜନିତୀ ବିଜ୍ଞାନ ବିଭାଗ ସନ୍ଦର୍ଭଟିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ଫାଇନାନ୍ସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ଭଞ୍ଜନଗର,୮।୧୦(ଡି.ଏନ.ଏ.)

ତାରସିଂ ପୋଲିସ ସୋମବାର ଘୋଗଡ଼ ଜଙ୍ଗଲରୁ ଏକ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ନୟାଗଡ଼ ଜିଲା ଚକଡ଼ାପଥର ଗ୍ରାମର ଅଖିଳ କୁମାର ଡାଲିଆ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ଅଖିଳ ଦଶପଲ୍ଲାରେ ଏକ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ। ୩୦ ତାରିଖରେ ସେ ରୁମ୍‌ରେ ରହୁଥିବା ଅନ୍ୟ ସାଙ୍ଗମାନଙ୍କୁ ଗ୍ରାମକୁ ଯାଉଛି ବୋଲି କହି ବାଇକ୍ ଯୋଗେ ଆସିଥିଲେ। ତେବେ ସେ ଘରେ ପହଞ୍ଚି ନ ଥିଲେ। ବୁଧବାର ପୋଲିସ ଅଖିଳଙ୍କ ବାଇକ୍‌କୁ ଘୋଗଡ଼ ଜଙ୍ଗଲ ରାସ୍ତାରୁ ଉଦ୍ଧାର କରିଥିଲା। ସୋମବାର ବାଇକ୍ ପଡିଥିବା ସ୍ଥାନଠାରୁ କିଛି ଦୂର ଏକ ପାହାଡ଼ ଉପରେ ଥିବା ଗଛରେ ଅଖିଳଙ୍କ ମୃତଦେହ ଝୁଲୁଥିବା ଦେଖାଯାଇଥିଲା।

**PARADIP PORT TRUST**

**e-Tender-cum-e-Auction Notice**

An e-Tender-cum-e-Auction Notice invites for **"Allotment of Unit No.1, 3 & 4 in the 1st floor of the New Trade Centre No.1 which are presently under occupation of M/s. AXIS Bank and M/s. ICICI Bank for a period upto 31.12.2024 on lease basis".** The date of available of documents in website is from **04.10.2018** to **24.10.2018** at **17.00 hours.** For details, please log on the website: **https://eprocure.gov.in/eprocure/app.**

Sr. Asst. Estate Manager

PPT/PR/391/18-19 Dt.07.10.2018

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ପୋଲସରା,୮।୧୦(ଡି.ଏନ୍.ଏ.)

ପୋଲସରା ବ୍ଲକ କେନ୍ଦୁବାଡ଼ି, କଣରାଇ ଓ ବଡ଼ ପଙ୍କଳବାଡ଼ି ପଞ୍ଚାୟତରେ ସୋମବାର ବିଜେଡି ପକ୍ଷରୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନହିତକର କାର୍ଯ୍ୟକ୍ରମ ଉପରେ ଆଲୋଚନା ସହିତ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିକୁ ଅଧିକରୁ ଅଧିକ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ କେନ୍ଦୁବାଡି ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ୭ଟି ପ୍ରକଳ୍ପ ପାଇଁ ୨୫ ଲକ୍ଷ୍ୟ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ସେହିପରି କଣଛାଇ ପଞ୍ଚାୟତରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୯ ପ୍ରକଳ୍ପର ଶିଳାନ୍ୟାସ, ହାତିପାଦ ପଲ୍ଲୀରେ ନବନିର୍ମିତ ଅଙ୍ଗନୱାଡି ଗୃହ, ହାତିପାଦପଲ୍ଲୀଠାରେ ଓଡ୍ରା ଖଣ୍ଡାୟତ କାଳଞ୍ଜି ସମାଜ ଗୃହ, ମେଣ୍ଢାଖାଇ ଲଛିପୁରରେ ବିଜୁ ଗ୍ରାମୀଣ ଗୃହ ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଞ୍ଜୁକ୍ତା ବାଡତ୍ୟା, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଷୋୟୀ ସମେତ ବହୁ ସରପଞ୍ଚ ସମିତିସଭ୍ୟ ଓ ଗ୍ରାମବାସୀ ଯୋଗ ଦେଇଥିଲେ।


ବିଧାୟକ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

## ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଦିଗପହଣ୍ଡି,୮।୧୦(ଡି.ଏନ୍.ଏ.)

ଦିଗପହଣ୍ଡି ଥାନା ସିଦ୍ଧଖଣ୍ଡି ଗ୍ରାମର ଜଣେ କୁଶଳୀ ଶ୍ରମିକଙ୍କ ଆନ୍ଧ୍ରରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଅକ୍ଷୟ ରାଉତ। ଅକ୍ଷୟ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରରେ ଏକ ଘରୋଇ ଆପାର୍ଟମେଣ୍ଟରେ ମୋଜାଇକ୍ ମେଶିନ୍ ଚଳାଉଥିଲେ। ସୋମବାର ମୋଜାଇକ ମେଶିନ୍‌କୁ ସଂଯୋଗ ହୋଇ ନ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ପରିବାର ଲୋକେ ଇଚ୍ଛାପୁରରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ଅକ୍ଷୟ ଗାଁରୁ ଇଚ୍ଛାପୁର ଯାଇଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି।

**NOTIFIED AREA COUNCIL, KANTABANJI**

**E-PROCUREMENT NOTICE**

**Tender Call Notice No. 1425_05_10_2018_NACKBJ**
**Tender ID. 2018_ORULB_50009_1**

| | | | |
|---|---|---|---|
| 1 | Name of the Work | : | 01 No. of Civil Works as in the DTCN published in the portal |
| 2 | Estimated Cost | : | As per D.T.C.N. |
| 3 | Period of Complication | : | As per D.T.C.N. |
| 4 | Date & Time of availability of bid documents in the portal. | : | Dt. 09.10.2018 at 10 hours and close on dt. 23.10.2018 at 17.00 hours. |
| 5 | Production of bid documents | : | On Office hours from dt. 25.10.2018 & 26.10.2018 throug registry post only. |
| 6 | Date & time of opening of bid | : | Dt. 27.10.2018 at 11.00 A.M. |
| 7 | Name & address of the officer inviting bid. | : | Executive Officer, N.A.C., Kantabanji. |

Further details can be seen from the e-procurement portal:- www.tendersorissa.gov.in.

**Sd./- Executive Officer, N.A.C., Kantabanji**

ଧରିତ୍ରୀ
DHARITRI
ମଙ୍ଗଳବାର, ୯ ଅକ୍ଟୋବର, ୨୦୧୮



## ଆଜି କ'ଣ କେଉଁଠି

ଭଞ୍ଜନଗର

- ଭଞ୍ଜନଗରବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପନୀ ଉତ୍ସବ। ସ୍ଥାନ-କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା
- ବ୍ଲକସ୍ତରୀୟ ସୁରଭି। ସ୍ଥାନ-ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ସମୟ-ପୂର୍ବାହ୍ନ ୧୦ଟା ।
- ସ୍ୱତନ୍ତ୍ର ପାଠଚକ୍ର। ସ୍ଥାନ-କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ,ସମୟ-ମଧାହ୍ନ ୧୨ଟା ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ଭଙ୍ଗାରୁଜା, ପୋଡ଼ାଜଳା ଘଟଣା

# ସମ୍ପୃକ୍ତ ଛାତ୍ରଙ୍କୁ ତୁରନ୍ତ ଗିରଫ ଦାବି

ବ୍ରହ୍ମପୁର ଅଫିସ,୮।୧୦

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗତ ୫ ତାରିଖରେ ଜଣେ ସମ୍ପାଦକ ପ୍ରାର୍ଥୀ ଅଜିତ ସ୍ୱାଇଁଙ୍କ ପ୍ରାର୍ଥିପତ୍ର ନାକଚ ଓ ଷ୍ଟୁଡେଣ୍ଟଶିପ ରଦ୍ଦକୁ ନେଇ ଘଟିଥିବା ପୋଡାଜଳା ଓ ଭଙ୍ଗାରୁଜା ଘଟଣା ଯୋଗୁ ଚଳିତବର୍ଷ ନିର୍ବାଚନ ବାତିଲ କରାଯିବା ସହ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି । କିନ୍ତୁ ଘଟଣାର ୪୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ମଧ ସମ୍ପୃକ୍ତ ଗଣ୍ଡଗୋଳକାରୀଙ୍କୁ ଗିରଫ କରାଯାଇ ନ ଥିବା ବେଳେ ଥାନାରେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଏତଲାରେ କୌଣସି ଛାତ୍ରଙ୍କ ନାମ ଲେଖାଯାଇ ନାହିଁ । ଏଥିରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ପକ୍ଷପାତିତା ନୀତି ପଦାରେ ପଡୁଥିବା ବିପକ୍ଷ ଛାତ୍ରଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି । ସୋମବାର ବ୍ରହ୍ମପୁର କମାପଲ୍ଲୀ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ସଭାପତି ଭି. ଶ୍ରୀନିବାସ ରାଓ ଏଭଳି ଅଭିଯୋଗ କରିଛନ୍ତି । ଗୋଟିଏ ଗୋଷ୍ଠୀଙ୍କୁ ସମର୍ଥନ ଜଣାଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଲିଙ୍ଗଡୋ କମିଶନ ସୁପାରିସକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି । ଜାଣିଶୁଣି ବୃତାନ୍ତ ପରିବର୍ତ୍ତେ ପ୍ରୋଭିଜନାଲ ପ୍ରାର୍ଥୀ ତାଲିକା ପ୍ରକାଶ କରିଥିବା ବେଳେ ପରବର୍ତ୍ତୀ ସମୟରେ ପୁଣି ମକଦ୍ଦମାରେ ଛନ୍ଦି ହେବା ଭୟରେ ଆପରାଧିକ ମାମଲା ଥିବା ସମ୍ପାଦକ ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱକୁ ଗ୍ରହଣ କରି ପୁଣି ନାକଚ କରି ଜାଣିଶୁଣି ଜଟିଳ ପରିସ୍ଥିତି ସୃଷ୍ଟି କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଏହାକୁ ନେଇ ନାକଚ ହୋଇଥିବା ସମ୍ପାଦକ ପ୍ରାର୍ଥୀଙ୍କ ସମର୍ଥକମାନେ ପିଜି କାଉନସିଲ ଅଫିସରେ କରିଥିବା ଭଙ୍ଗାରୁଜାର ଅନୁଧ୍ୟାନ ଓ ଆକଳନ ନ କରି ତରବରିଆ ଭାବେ ନିର୍ବାଚନ ବାତିଲ ଓ ପରେ ସାଇନ୍-ଏ- ଡାଏ ଘୋଷଣା କରିଛନ୍ତି। ପୋଡାଜଳା କାରଣରୁ ଯଦି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପ୍ରଶାସନ ନିର୍ବାଚନ ବାତିଲ କରିବାକୁ ନିଷ୍ପତ୍ତି ନେଲେ, ତେବେ ଘଟଣାର ଦୀର୍ଘ ୪୮ ଘଣ୍ଟା ପରେ ମଧ ଭଙ୍ଗାରୁଜାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇ ନାହିଁ ବୋଲି ଶ୍ରୀନିବାସ ପ୍ରଶ୍ନ କରିଛନ୍ତି । ଏ କ୍ଷେତ୍ରରେ ପୋଲିସ ମଧ ନୀରବଦ୍ରଷ୍ଟା ସାଜିଥିବା ସେ କହିଛନ୍ତି । ଲିଙ୍ଗଡୋ କମିଶନଙ୍କ ନିୟମାନୁଯାୟୀ, ନିର୍ବାଚନ ସମୟରେ କୌଣସି ରାଜନୈତିକ ଦଳ ନେତା ଛାତ୍ର ନିର୍ବାଚନରେ ସମ୍ପୃକ୍ତି ରହିବା ଅନୁଚିତ । କିନ୍ତୁ କେତେକ ଦଳୀୟ ନେତା ଅଣଛାତ୍ର ଘଟଣା ସମୟରେ ପୋଲିସ ଓ ପ୍ରଶାସନ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ମତାଉଥିଲେ । ସବୁ ଜାଣି ପ୍ରଶାସନ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚୁପ ରହି ପରୋକ୍ଷରେ ସମର୍ଥନ ଜଣାଇବା ନିନ୍ଦାଜନକ । ତୁରନ୍ତ ସମ୍ପୃକ୍ତ ଘଟଣାର ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ । ଏଥିସହ ପିଜି କାଉନସିଲ ଅଫିସରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ ସହ ସମ୍ପୃକ୍ତ ଛାତ୍ରଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରାଯିବାକୁ ସଭାପତି ରାଓ ଦାବି କରିଥିଲେ । ପୂର୍ବତନ ସଭାପତି ଶ୍ରୀନିବାସଙ୍କ ସମେତ ଏନ. ସିଦ୍ଧାର୍ଥ ରାଓ, ରାନୁ ସାହୁ, ଅକ୍ଷୟ ପ୍ରଧାନ, ଦିନେଶ ମିଶାଲ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଛାତ୍ରନେତା


ପୋଲରୀ ଓଷା ପାଳନ ପାଇଁ ରେଶମ ସହର ବ୍ରହ୍ମପୁରରେ କୁନି କୁନି ଶିଶୁମାନେ ସାହିଗୁଡିକରେ ଘର ଘର ବୁଲି ଚାଉଳ ମାଗୁଛନ୍ତି ।(ଫଟୋ: ସମୀର ରଥ)

## ଟ୍ରକ୍ -ବାଇକ୍ ଧକ୍କା ଜଣେ ମୃତ



**ବ୍ରହ୍ମପୁର ଅଫିସ୍,୮।୧୦:** ବ୍ରହ୍ମପୁର ସହର ଲାଞ୍ଜିପଲ୍ଲୀ ଫ୍ଲାଏ ଓଭର ବ୍ରିଜ୍ ନିକଟରେ ରବିବାର ବିଳମ୍ବିତ ରାତ୍ରିରେ ଟ୍ରକ୍ -ବାଇକ୍ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ଗୋଳନ୍ଥରା ଥାନା ଡୁବାପଲ୍ଲୀ ଗ୍ରାମର ଅଜିତ କୁମାର ରଥ (୪୨)। ଅଜିତ ଘରକୁ ବାଇକ ନଂ. ଓଡି ୦୭ ଏଲ ୮୯୯୦ରେ ଘରକୁ ଫେରୁଥିବା ବେଳେ ଏକ ଟ୍ରକ୍ ନଂ. ଓଆର ୧୬ ଡି ୦୫୨୫ ସହିତ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ଅଜିତଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସ୍ଥଳରେ ଟ୍ରାଫିକ୍ ଥାନା ପୋଲିସ ପହଞ୍ଚି ଉଭୟ ଗାଡି ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ନଂ ୩୧/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚଳାଉଥିବା ଆଇଆଇସି ସୁମନ୍ତ କିଷାନ୍ ସୂଚନା ଦେଇଛନ୍ତି ।

## ଦୀପନିଆଁ ଲାଗି ବୃଦ୍ଧ ମୃତ

**ବ୍ରହ୍ମପୁର ଅଫିସ୍,୮।୧୦:** ଦୀପନିଆଁ ଲାଗି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କବିସୂର୍ଯ୍ୟନଗର ଥାନା ରାମ୍ପୁଡି ଗ୍ରାମର ଉତ୍ସବ ରାଉତ (୬୫) । ଗତ ସେପ୍ଟେମ୍ବର ୨୬ ତାରିଖରେ ବିଦ୍ୟୁତ୍ କାଟ ହୋଇଥିବା ଯୋଗୁ ଉତ୍ସବ ନିଜ ଘରେ ଦୀପ ଲଗାଇଥିଲେ ।
ତେବେ ଅସାବଧାନତା ହେତୁ ଦୀପ ନିଆଁ ସେ ପିନ୍ଧିଥିବା ପୋଷାକରେ ଲାଗିଯାଇଥିଲା । ଫଳରେ ଉତ୍ସବ ପୋଡିଯାଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୦୬/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି ।


ମହାଳୟା ଉପଲକ୍ଷେ ବ୍ରହ୍ମପୁର ଗୋଷାଣୀନୂଆଗାଁସ୍ଥିତ ଜଗନ୍ନାଥ ମନ୍ଦିରରେ ସମୂହ ପିଣ୍ଡ ଦାନ ଓ ପିତୃପୁରୁଷଙ୍କ ଶ୍ରାଦ୍ଧ କରାଯାଉଛି । (ଫଟୋ: ସମୀର)

## ପୋଖରୀରେ ବୁଡି ଜଣେ ମୃତ

**ବ୍ରହ୍ମପୁର ଅଫିସ୍,୮।୧୦:** ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ ଘଟିଛି। ଘଟଣା ଘଟିଛି ବ୍ରହ୍ମପୁର ଖୋଡାସିଙ୍ଗି କାଳୀମନ୍ଦିର ନିକଟସ୍ଥ ପୋଖରୀରେ। ମୃତକ ହେଲେ କଟକ ଜିଲା ମଧୁପାଟଣା ଥାନା ଦୋଳମୁଣ୍ଡାଇ ଗ୍ରାମର ସୁଦର୍ଶନ ମହାରଣା (୫୯) । ସୁଦର୍ଶନ ଜଣେ ଚିତ୍ରକର ହୋଇଥିବାରୁ ଏକ ବିଜ୍ଞାପନ ଲେଖିବା ପାଇଁ ବ୍ରହ୍ମପୁର ଆସିଥିଲେ । ଖୋଡାସିଙ୍ଗି କାଳୀ ମନ୍ଦିର ପାଖ ଗ୍ୟାରେଜ୍‌ରେ ବିଜ୍ଞାପନ ଲେଖି ନିକଟରେ ଥିବା ପୋଖରୀ କୂଳରେ ବିଶ୍ରାମ ନେଉଥିଲେ । ପରେ ଅସାବଧାନତା ହେତୁ ପୋଖରୀରେ ଖସିପଡି ବୁଡିଯାଇଥିଲେ । ସ୍ଥାନୀୟ ଲୋକେ ଭାସମାନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଦ୍ୟନାଥପୁର ଥାନାରେ ନଂ. ୫୦୯/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ମାସେ ବିତିଲା , ହତ୍ୟାକାରୀ ସ୍ୱାମୀର ପତ୍ତା ପାଉନି ପୋଲିସ

ବ୍ରହ୍ମପୁର ଅଫିସ,୮।୧୦

**ବାପା ଆଗରେ ସ୍ତ୍ରୀ ଗଳାକାଟି ହତ୍ୟା ଘଟଣା**

ବ୍ରହ୍ମପୁର ସହରର ଟାଉନ ଥାନା ଅନ୍ତର୍ଗତ ମିଲିଟାରୀ ଲେନ୍ ରଘୁନାଥ ପେଟା ସାହିରେ ବାପା ସମ୍ମୁଖରେ ସ୍ତ୍ରୀର ଗଳାକାଟି ହତ୍ୟା କରିବା ଘଟଣାକୁ ଏକ ମାସ ବିତିଥିବା ବେଳେ ହତ୍ୟାକାରୀ ସ୍ୱାମୀଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି । ଏପରିକି ହତ୍ୟାକାରୀଙ୍କ ସମ୍ପର୍କରେ କୌଣସି ସନ୍ଧାନ ପୋଲିସ ପାଇପାରି ନ ଥିବା ଜଣାପଡିଛି । ଫଳରେ ପୋଲିସ ଉପରୁ ଆଶା ହରାଇ ଦେଇଛନ୍ତି ମୃତକଙ୍କ ପରିବାର ବର୍ଗ । ପ୍ରକାଶଯେ, ସେପ୍ଟେମ୍ବର ୯ ତାରିଖ ଅପରାହ୍ନ ପ୍ରାୟ ୧ ଘଟିକା ସମୟରେ ବ୍ରହ୍ମପୁରର ରଘୁନାଥ ପେଟା ସାହିରେ ସ୍ୱାମୀ ରବୀନ୍ଦ୍ର ବେହେରା ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ । ସେବେଠାରୁ ସେ ଫେରାର ଅଛନ୍ତି । ତାଙ୍କୁ ଏପର୍ଯ୍ୟନ୍ତ ଟାଉନ ଥାନା ପୋଲିସ ପାଉନି। ବାପାଙ୍କ ଆଗରେ ସ୍ତ୍ରୀର ଗଳାକାଟି ହତ୍ୟା କରି ଫେରାର୍ ହୋଇଯାଇଥିଲେ ଅଭିଯୁକ୍ତ ସ୍ୱାମୀ। ଏଭଳି ଘଟଣାକୁ ମଙ୍ଗଳବାର ଏକ ମାସ ବିତିଛି । ମୃତା ପପିନା ବେହେରାଙ୍କ ପୁଅ ରାହୁଲଙ୍କ ଏତଲା ଏବଂ ପ୍ରତ୍ୟକ୍ଷଦର୍ଶୀ ବାପା ଗୋପାଳଙ୍କ ବୟାନକୁ ଭିତ୍ତି କରି ପୋଲିସ ନଂ. ୧୮୫/୧୮ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ସ୍ୱାମୀ ରବୀନ୍ଦ୍ର ରାଜ୍ୟ ବାହାରକୁ ଯାଇଥିବା ସୂଚନା ପାଇ ଏକ ପୋଲିସ ଟିମ୍ ଯାଇଥିଲା । ହେଲେ ଟିମ୍ କୌଣସି ସୂଚନା ନପାଇ ଫେରିଆସିଥିବା ଜଣାପଡିଛି।

## ଐତିହାସିକ ସ୍ଥଳ ସୁରକ୍ଷା ଦିଗରେ ଆଗଭର ହେବା ଜରୁରୀ

ବ୍ରହ୍ମପୁର ଅଫିସ,୮।୧୦

**ଇନ୍‌ଟେକର ସ୍ୱତନ୍ତ୍ର ବୈଠକ**

ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚୁରାଲ ହେରିଟେଜ(ଇନ୍‌ଟେକ) ଗଞ୍ଜାମ ଚାପଟରର ସ୍ୱତନ୍ତ୍ର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଆରଡିସିଙ୍କ ସଦ୍‌ଭାବନା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଜାତୀୟ ଅଧ୍ୟକ୍ଷ ମେଜର ଜେନେରାଲ ଏଲ.କେ. ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଆଇନଜୀବୀ ଡ. ସୁଧାଂଶୁ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜ୍ୟ ମୁଖ୍ୟ ଏ.ବି. ତ୍ରିପାଠୀ ସମ୍ମାନିତ ଅତିଥି, ଡା. ପି.ସି.ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପଦେଷ୍ଟା ଅନନ୍ତ ମହାପାତ୍ର ମଞ୍ଚାସୀନ ଥିଲେ । ଗଞ୍ଜାମ ଜିଲା ଏକ ସାଂସ୍କୃତିକ ଐତିହ୍ୟରେ ପରିପୂର୍ଣ୍ଣ ରହିଛି । ଏହି ଜିଲାରେ ୧୦୦ରୁ ଉର୍ଦ୍ଧ୍ୱ ସାଂସ୍କୃତିକ ଏତିହ୍ୟ ସମ୍ପର୍ଣ୍ଣ ସ୍ଥାନ ରହିଛି । ଯାହାର ସୁରକ୍ଷାର ଆବଶ୍ୟକତା ରହିଛି । ଏଥିପାଇଁ ଜିଲାର ପ୍ରତ୍ୟକ ଜନସାଧାରଣ ଆଗଭର ହେବା ଜରୁରୀ ବୋଲି ମୁଖ୍ୟଅତିଥି କହିଥିଲେ । ଜିଲାର ସାଂସ୍କୃତିକ ଓ ଐତିହ୍ୟ ସ୍ଥାନ ମଧ୍ୟରୁ ପୋତାଗଡର ଐତିହ୍ୟର ସୁରକ୍ଷା ନେଇ କାର୍ଯ୍ୟ ଚାଲୁ ରହିଛି । ତାରାତାରିଣୀ, ରମ୍ଭା ରାଜଭବନର ସୁରକ୍ଷା କାର୍ଯ୍ୟ ହାତକୁ ନିଆଯାଇଛି । ଆଗାମୀ ଦିନରେ ମହୁରୀଗଡ, ବୁଗୁଡା ବିରଞ୍ଚିନାରାୟଣ, ୨୦୦ ବର୍ଷ ପୁରୁଣା ମାରଦା ଶରଣ ଶ୍ରୀକ୍ଷେତ୍ର ମନ୍ଦିର, କୃଷ୍ଣ ଚନ୍ଦ୍ର ଗଡପତି ରାଜଭବନ ପ୍ରଭୃତିରେ ସୁରକ୍ଷା କାର୍ଯ୍ୟ ଆରମ୍ଭ କରାଯିବାର ଯୋଜନା ରହିଥିବା ସୂଚନା ଦିଆଯାଇଥିଲା । ଏହାବ୍ୟତୀତ ଜିଲାର ସାଂସ୍କୃତିକ ତଥା ଐତିହ୍ୟ ସ୍ଥାନଗୁଡିକ ସମ୍ପର୍କରେ ଅବଗତ କରାଇବା ନେଇ ଜିଲା ଚାପ୍ଟର ପକ୍ଷରୁ ସ୍କୁଲ ଓ କଲେଜରେ ଏକ କର୍ମଶାଳା ଆୟୋଜନ କରାଯିବ । ଏହାଦ୍ୱାରା ଜିଲାର ଐତିହାସିକ ସ୍ଥାନ ଓ ତା'ର ଗୁରୁତ୍ୱର ପ୍ରତ୍ୟକ ଜିଲାବାସୀଙ୍କ ପାଖରେ ପହଞ୍ଚିପାରିବ ବୋଲି ଅତିଥିମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପ୍ରମୋଦ ସାହୁ, ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ, ପ୍ରଫେସର ଡା. ଏନ୍.ସି. ପାଢୀ, ଡ. କାର୍ତ୍ତିକ ରାଉତ, ନାଟ୍ୟକାର ରାଜକିଶୋର ପାଢୀ, ନାଟ୍ୟ ନିର୍ଦ୍ଦେଶକ ଏ.କେ. ମହାନ୍ତି, ପର୍ଯ୍ୟଟନ ଭାରତର ନାରାୟଣ ମହାଙ୍କୁଡ ପ୍ରମୁଖ ଉପସ୍ଥିତ ଥିଲେ। ସହ ଆବାହକ ସୁଶୀଳ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ ।



ଇନ୍‌ଟେକର ସ୍ୱତନ୍ତ୍ର ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ ।

## ଛତ୍ରପୁର, ପତିତପାବନ, ବାରାକ୍ସ ବିଜୟୀ

ବ୍ରହ୍ମପୁର ଅଫିସ,୮।୧୦

**ଗଞ୍ଜାମ ଜିଲା ଫୁଟବଲ୍ ଲିଗ୍**

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ଗଞ୍ଜାମ ଜିଲା ଫୁଟବଲ ଲିଗ୍‌ର ସୋମବାର ତିନିଟି ମ୍ୟାଚ୍ ଖେଳାଯାଇଥିଲା। ଏଗୁଡ଼ିକରେ ଛତ୍ରପୁର ଟାଉନ୍ କ୍ଲବ, ପତିତପାବନ ସଂଘ ଏବଂ ବାରାକ୍ସ ଫୁଟବଲ୍ କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ମୋହନ ନାୟକ ଫୁଟବଲ୍ କ୍ଲବ ଏବଂ ଛତ୍ରପୁର ଟାଉନ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା । ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ହିଁ ଛତ୍ରପୁରର ଦିଲ୍ଲୀପ ଗୋଲ୍ ସ୍କୋର କରିଥିଲେ । ଏହା ପରେ ୧୬ତମ ମିନିଟ୍‌ରେ ସଚିନ ନାୟକ ଆଉ ଏକ ଗୋଲ୍ ଦେଇ ଛତ୍ରପୁରକୁ ୨-୦ରେ ଆଗୁଆ କରି ଦେଇଥିଲେ । କିନ୍ତୁ ଏହାର ପରବର୍ତ୍ତୀ ଅର୍ଥାତ୍ ୧୭ତମ ମିନିଟ୍‌ରେ ମୋହନ ନାୟକ ଫୁଟବଲ୍ କ୍ଲବ ପକ୍ଷରୁ ଦିବାକର ବେହେରା ଗୋଲ୍ ସ୍କୋର କରିଥିଲେ । କିନ୍ତୁ ଏହା ପରେ ଆଉ ଗୋଲ୍ ହୋଇ ନ ଥିଲା । ଫଳରେ ଛତ୍ରପୁର ଟାଉନ୍ କ୍ଲବ ୨-୧ ଗୋଲ୍‌ରେ ବ୍ୟବଧାନରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମାଚ୍ ପତିତପାବନ ସଂଘ ଏବଂ ହିଞ୍ଜିଳିକାଟୁ ମଧ୍ୟରେ ଖେଳାଯାଇଥିଲା । ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ଭାବେ ପତିତପାବନର ପ୍ରତିପତ୍ତି ଦେଖିବାକୁ ମିଳିଥିଲା । ପତିତପାବନ ମୋଟ ୮ ଗୋଲ୍ ସ୍କୋର କରିଥିଲା । ସେଥିରୁ ସୁନିଲ ଦାସ ଏକାକୀ ୫ ଗୋଲ୍ ସ୍କୋର କରିଥିଲେ । ଅନିତ, ରାମ ଏବଂ ରାଜେଶ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍‌କୁ ପତିତପାବନ ସଂଘ ୮-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିଲା । ଅପରାହ୍ନରେ ତୃତୀୟ ମ୍ୟାଚ୍ ବାରାକ୍ସ ଫୁଟବଲ୍ କ୍ଲବ ଏବଂ ଇଲେଭେନ୍ ଷ୍ଟାର୍ ମଧ୍ୟରେ ଖେଳାଯାଇଥିଲା । ବାରାକ୍ସ ତରଫରୁ ନେପାଳ ବାଗ୍ ୧୩ତମ ମିନିଟ୍‌ରେ ଏବଂ ଜି.ଆକାଶ ୨୦ତମ ମିନିଟ୍‌ରେ ଦୁଇଟି ଗୋଲ୍ ସ୍କୋର କରିଥିଲେ । ଇଲେଭେନ୍ ଷ୍ଟାର୍ ତରଫରୁ ଜେ.ବେହେରା ୫୬ତମ ମିନିଟ୍‌ରେ ଏକ ମାତ୍ର ଗୋଲ୍ କରିଥିଲେ । ମ୍ୟାଚ୍‌ରେ ବାରାକ୍ସ ୨-୧ ବ୍ୟବଧାନରେ ବିଜୟୀ ହୋଇଥିଲା । ଅଫିସିଆଲ୍ ଭାବେ ରାଜେଶ ମହାନ୍ତି, ଭିନ୍‌ସେଣ୍ଟ ଦାସ, ରମେଶ ଚନ୍ଦ୍ର ବେହେରା, ବିଜୟ ଅଧିକାରୀ, ଅଭିମନ୍ୟୁ ବେହେରା, ରମାକାନ୍ତ ବିଷୋୟୀ, ପରେଶ ମହାପାତ୍ର, ବିନାୟକ ହୋତା, ରଞ୍ଜିତ କୁମାର ପାତ୍ର, ମହେନ୍ଦ୍ର କୁମାର ବେହେରା, ବି.ବିଶ୍ୱନାଥ ପାତ୍ର ଏବଂ ଗୋପାଳ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।


ଇଲେଭେନ୍ ଷ୍ଟାର୍ ଏବଂ ବାରାକ୍ସ ମଧ୍ୟରେ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।

### ମାନବ ଅଧିକାର ସୁରକ୍ଷା ମଞ୍ଚର ୬୩ତମ ଘଣ୍ଟଯାତ୍ରା

# ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର ପ୍ରେରଣ

ବ୍ରହ୍ମପୁର ଅଫିସ,୮।୧୦



ସୋମବାର ଏମ୍‌କେସିଜି ମେଡିକାଲ ମୁଖ୍ୟ ଫାଟକ ନିକଟରେ ୬୩ ତମ ଘଣ୍ଟ ଯାତ୍ରା ଏବଂ ଗଣ ବିକ୍ଷୋଭ ଅନୁଷ୍ଠିତ।

ବ୍ରହ୍ମପୁର ବଡ ମେଡିକାଲ ନେଫ୍ରୋଲୋଜି ବିଭାଗର ଅବ୍ୟବସ୍ଥା ସୁଧାରିବା, କିଡ୍‌ନୀ ରୋଗ ମହାମାରୀର ଅସଲ ଉତ୍ସ ମୋନାଜାଇଟ୍ ପ୍ରକ୍ରିୟାକରଣକୁ ନିଷିଦ୍ଧ କରିବା ନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଏମ୍‌କେସିଜି ମେଡିକାଲ କଲେଜ ମୁଖ୍ୟ ଫାଟକରେ ୬୩ତମ ଘଣ୍ଟଯାତ୍ରା ଏବଂ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି । ଏମ୍‌କେସିଜି ମେଡିକାଲର ନେଫ୍ରୋଲୋଜି ବିଭାଗରେ ୬ ଡାୟାଲିସିସ୍ ମେଶିନ ଥିବା ସତ୍ତ୍ୱେ ପୂର୍ଣ୍ଣମାତ୍ରାରେ ରୋଗୀଙ୍କ ସେବାରେ ବ୍ୟବହୃତ ହେଉ ନ ଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ବିଭାଗ ଡାକ୍ତର ବିଭିନ୍ନ କାରଣ ଦର୍ଶାଇ ରୋଗୀଙ୍କୁ ସ୍ଥାନୀୟ ଘରୋଇ ମେଡିକାଲ କିମ୍ବା ଭୁବନେଶ୍ୱର ଓ ବିଶାଖାପାଟଣାକୁ ଚିକିତ୍ସା ପାଇଁ ଯିବାକୁ ବାଧ କରାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏଣୁ ଅଧିକ ଡାକ୍ତର ଓ ଟେକ୍ନିସିଆନ୍ ଯୋଗାଇ ଦିଆଯାଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ପାଇଁ ଦାବି କରାଯାଇଛି । ସେହିପରି କିଡ୍‌ନୀ ମହାମାରୀର ମୁଖ୍ୟ ଉତ୍ସ ମୋନାଜାଇଟ୍ ପ୍ରକ୍ରିୟାକରଣକୁ ନିଷିଦ୍ଧ କରାଯାଇ ଆଇଆରଇଏଲ ଅଞ୍ଚଳରେ ବୃହତ୍ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ପାଇଁ ଦାବି କରାଯାଇଛି । ସେହିପରି ଜାତୀୟ ଡାୟଲିସିସ୍ କାର୍ଯ୍ୟକ୍ରମ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପଲବ୍ଧ ପାଣ୍ଠିରୁ କିଡ୍‌ନୀ ମହାମାରୀ ପ୍ରଭାବିତ ବ୍ୟକ୍ତିଙ୍କୁ ତୁରନ୍ତ ସମସ୍ତ ପ୍ରକାର ସହାୟତା ରାଶି ପ୍ରଦାନ କରିବା ସହ କିଡ୍‌ନୀ ପ୍ରତିରୋପଣ ଏବଂ ଔଷଧ ଯାବତୀୟ ଖର୍ଚ୍ଚ ଆଇଆରଇଏଲ ବହନ କରିବା ପାଇଁ ଦାବି କରାଯାଇଛି। କିଡ୍‌ନୀ ମହାମାରୀର ମୁଖ୍ୟ ଉତ୍ସ ମୋନାଜାଇଟ୍ ପ୍ରକ୍ରିୟାକରଣକୁ ନିଷିଦ୍ଧ କରାଯାଇ ଆଇଆରଇଏଲ ଅଞ୍ଚଳରେ ବୃହତ୍ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ପାଇଁ ଦାବି କରାଯାଇଛି।

ପ୍ରକାଶଯେ, ଛତ୍ରପୁର ଆଇଆରଇଏଲ (ଇଣ୍ଡିଆନ୍ ରେଆର ଆର୍ଥ ଲିମିଟେଡ୍)ରେ ୧୯୯୨-୯୩ରେ ଥୋରିୟମ ନାଇଟ୍ରେଟ୍ ଏବଂ ଥୋରିୟମ ଅକ୍ସାଇଡ୍‌ର ଉତ୍ପାଦନ ପ୍ରକ୍ରିୟାକରଣ କାରଖାନା ସ୍ଥାପନ ହେଲା । ଏହାକୁ ସମ୍ପ୍ରସାରଣ କରି ୨୦୧୦ରେ ୧୦ ହଜାର ଟନ୍ କ୍ଷମତାସମ୍ପନ୍ନ ମୋନାଜାଇଟ୍ ପ୍ରକ୍ରିୟାକରଣ କାରଖାନା ସ୍ଥାପନ ନେଇ ପ୍ରସ୍ତାବ ଆଗତ ହେଲା । ତେଜସ୍କ୍ରିୟ ବିକିରଣର ଆଶଙ୍କା ଯୋଗୁ ଏହି ପ୍ରକ୍ରିୟାକରଣକୁ ତୀବ୍ର ବିରୋଧ ସତ୍ତ୍ୱେ ୨୦୧୫ରୁ ଉକ୍ତ ପ୍ରକଳ୍ପ ଆରମ୍ଭ ହୋଇ ଥୋରିୟମ ଏବଂ ମୋନାଜାଇଟ ପ୍ରକ୍ରିୟାକରଣର ମିଶ୍ରଣ ଘଟିଥିଲା । ଫଳରେ ଅଧିକରୁ ଅଧିକ ତେଜସ୍କ୍ରିୟ ବିକିରଣ ହେଉଛି । ମୋନାଜାଇଟ୍ ଏକ ବିଷାକ୍ତ ପଦାର୍ଥ ହୋଇଥିବାରୁ ଏହା ଶ୍ୱାସନଳୀ ଦେଇ ସିଧାସଳଖ ଶରୀର ଭିତରକୁ ପ୍ରବେଶ କରୁଛି । ଫୁସଫୁସ ଓ ବୃକକ୍ ପରି ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ ଜମା ହୋଇ ରହିଯାଉଛି । ଫଳତଃ ଏହାର ସଂସ୍ପର୍ଶରେ ଆସୁଥିବା ଲୋକ ବୃକକ ଜନିତ କର୍କଟ ଏବଂ ହୃଦ୍ ଜନିତ ରୋଗରେ ପୀଡିତ ହୁଅନ୍ତି। ମୋନାଜାଇଟ ପ୍ରକ୍ରିୟାକରଣର ପ୍ରଭାବ ୨୫ ବର୍ଗକି.ମି. ଅଞ୍ଚଳରେ ପଡୁଥିବା ବେଳେ ଇତି ମଧ୍ୟରେ ଉକ୍ତ ଅଞ୍ଚଳରେ ୭୦ ଜଣଙ୍କ ମୃତ୍ୟୁ ହୋଇସାରିଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ଉକ୍ତ ଆନ୍ଦୋଳନରେ ମାଗୁଣି ନାହାକ, ସୁରେନ୍ଦ୍ର ନାଥ ପଣ୍ଡା, ଦ୍ୱାରିକାନାଥ ଘଡାଇ, ଲକ୍ଷ୍ମୀନାରାୟଣ ରାଉତ, ମହେଶ୍ୱର ବାଡତ୍ୟା, ବିଜୟ ଚନ୍ଦ୍ର ବିଷୋୟୀ ଓ ପ୍ରଭାତ ନାହାକଙ୍କ ସମେତ ବହୁ ବୁଦ୍ଧିଜିବୀ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ସ୍କେଟିଂ ଖେଳାଳିଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର ଅଫିସ୍,୮।୧୦:** ଭୁବନେଶ୍ୱର ବୁଦ୍ଧ ପାର୍କରେ ଡିଏଭି କ୍ଲଷ୍ଟର୍‌ସ୍ତରୀୟ ସ୍କେଟିଂ ଚାମ୍ପିୟନ୍‌ସିପ୍‌ରେ ବ୍ରହ୍ମପୁର ଡିଏଭି ସ୍କୁଲର ୩ ଜଣ ଖେଳାଳି ଏ.ରାଜ କୁମାର ୧ ହଜାର ମିଟର ରେସ୍‌ରେ ପ୍ରଥମ ହୋଇଛନ୍ତି। ସେହିଭଳି ୫ମିଟର ରେସ୍‌ରେ ସିଏଚ୍. ସ୍ୱସ୍ତିକ ସୁବୁଦ୍ଧି ଦ୍ୱିତୀୟ ଏବଂ ୩ଶହ ମିଟର ରେସ୍‌ରେ ଆର୍ଯ୍ୟନ ପଣ୍ଡା ତୃତୀୟ ହୋଇଛନ୍ତି। ସୋମବାର ସନ୍ଧ୍ୟାରେ ଖେଳାଳିମାନେ ବ୍ରହ୍ମପୁର ପହଞ୍ଚିବା ପରେ ଷ୍ଟେଶନ୍‌ରେ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମପୁର ସ୍କେଟିଂ ଏକାଡେ଼ମି ସଭାପତି ପ୍ରଶାନ୍ତ ମହାପାତ୍ର, ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁଚରଣ ପାତ୍ର, କୋଚ୍ ବିଭୂତି ଭୂଷଣ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଥିଲେ ।

### ୭ ବଖରା ଜଳିଗଲା

**ଦିଗପହଣ୍ଡି,୮।୧୦(ଡି.ଏନ୍.ଏ.):** ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୭ ବଖରା ଜଳିଯାଇଛି। ଏଥିରେ ଚିନ୍ନାରି ମଙ୍ଗଳା ପାତ୍ର, ଯୁଧିଷ୍ଠିର ଦୋରା ଏବଂ ଚିନ୍ନାରି. କୁରେଶୁ ପାତ୍ରଙ୍କ ଧାନଚାଉଳ, ଘରକରଣା ଜିନିଷପତ୍ର ଭସ୍ମୀଭୂତ ହୋଇଯାଇଛି। କୌଣସି ଜଣଙ୍କ ଘରେ ରୋଷେଇ ଚାଲିଥିବା ବେଳେ ଚୁଲିରୁ ନିଆଁ ଲାଗି ଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୯୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଇଛି।

### ଦେବୀଙ୍କ ପୀଠରେ ଭିଡ଼

**ହିଞ୍ଜିଳିକାଟୁ,୮।୧୦(ଡ଼ି.ଏନ୍.ଏ.):** ହିଞ୍ଜିଳିକାଟୁ ଅଞ୍ଚଳର ବିଭିନ୍ନ ଦେବୀ ପୀଠରେ ମା'ଙ୍କ ଷୋଡଶ ଉପଚାର ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ହିଞ୍ଜିଳିକାଟୁସ୍ଥିତ କନକ ଦୁର୍ଗା ମନ୍ଦିର, ବୁରୁପୋଡ଼ା ଶ୍ୟାମଳାଇ ମନ୍ଦିର ଓ ଖରିଡ଼ା କୁରେଇଶୁଣୀ ମନ୍ଦିରରେ ମା' ଏହି ଶାରଦୀୟ ଗତ ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ପ୍ରତ୍ୟହ ସନ୍ଧ୍ୟାରେ ଦେବୀଙ୍କୁ ନୂତନ ବେଶରେ ସଜ୍ଜିତ କରାଯିବା ସହ ପୀଠ ଗୁଡ଼ିକରେ ଚଣ୍ଡୀପାଠ, ହୋମ ଇତ୍ୟାଦି ଚାଲିଛି। ଚଳିତ ବର୍ଷ ପଲିଥିନ ମୁକ୍ତ ଓଡ଼ିଶା ନିମନ୍ତେ ସଚେତନତାରେ କନକ ଦୁର୍ଗା ମନ୍ଦିର କମିଟି ସାମିଲ ହୋଇଛନ୍ତି। ପଲିଥିନ ଓ ପ୍ଲାଷ୍ଟିକରେ ଭୋଗକୁ ମନ୍ଦିର ଭିତରକୁ ପ୍ରବେଶ କରାଯିବ ନାହିଁ ବୋଲି ମନ୍ଦିର କମିଟି ନିଷ୍ପତି କରିଥିବା ଏହାର ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ସାବତ କହିଛନ୍ତି।

■ମଦ ଦୋକାନ ସେଲ୍‌ସମ୍ୟାନ ହତ୍ୟା ଘଟଣା, ୫ ଗିରଫ

# ଟଙ୍କା ଲୁଟ ପାଇଁ କରିଥିଲେ ହତ୍ୟା

**ବ୍ରହ୍ମପୁର ଅଫିସ/ କୁକୁଡାଖଣ୍ଡି,(ଡି.ଏନ.ଏ.),୮।୧୦**

ବ୍ରହ୍ମପୁର ସହର ଉପକଣ୍ଠ ସଦରଥାନା ଅଧୀନ ଜଗଦଳପୁର ଗ୍ରାମରେ ଗତ ୪ ତାରିଖରେ ଘଟିଥିବା ଦେଶୀ ମଦ ଦୋକାନର ସେଲସ୍‌ମ୍ୟାନ ବିଜୟ କୁମାର ଡାକୁଆ (୬୨) ହତ୍ୟା ଘଟଣାରେ ପୋଲିସ ସୋମବାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପିଣ୍ଟୁ ଦାସ (୨୧), ସନ୍ତୋଷ ଦାସ(୨୦), ମେଘ ଦାସ (୨୦), ଜଗଦଳପୁର ବଡବାଉରୀ ସାହିର ପିଣ୍ଟୁ ଦାସ (୨୦) ଏବଂ ଛତ୍ରପୁର ଥାନା ଡୁଗୁଡାପଲ୍ଲୀ ଗ୍ରାମର ବାଦଲ ଦାସ (୨୧)। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ବାଉଁଶ ଠେଙ୍ଗା, ପ୍ଲାଷ୍ଟିକ୍ ପାଇପ୍, ଲୁହାଛଡ ଜବତ କରିଛି । ଲୁଟ ହୋଇଥିବା ୨୦ ହଜାର ଟଙ୍କାରୁ ୧୫ ହଜାର ଟଙ୍କା ଏବଂ ମୃତ ବିଜୟଙ୍କଠାରୁ ଲୁଟିନେଇଯାଇଥିବା ମୋବାଇଲ ଫୋନ ଜବତ କରାଯାଇଛି । ଟଙ୍କା ଲୁଟିନେବା ସମୟରେ ପୋଲିସକୁ ଖବର ଦେବା ଭୟରେ ପିଟି ପିଟି ହତ୍ୟା କରିଥିବା ନେଇ ଅଭିଯୁକ୍ତମାନେ ପୋଲିସ ସମ୍ମୁଖରେ ବୟାନ ଦେଇଛନ୍ତି ବୋଲି ସୋମବାର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ସୂଚନା ଦେଇଛନ୍ତି। ପ୍ରକାଶଯେ, ଜଗଦଳପୁର ଗ୍ରାମର ପିଣ୍ଟୁ ଦାସ ଦୈନିକ ମଦ ଦୋକାନରେ ଧମକ ଦେବା ସହ ଟଙ୍କା ନ ଦେଇ ମଦ ପିଇବାକୁ ଦାବି କରୁଥିଲେ। ସେଲସମ୍ୟାନ୍ ବିଜୟ ବାକିରେ ମଦ ଦେବାକୁ ମନା କରିଦେଇଥିଲେ । ଫଳରେ ପିଣ୍ଟୁ କ୍ରୋଧାନ୍ୱିତ ହୋଇ ନିଜ ସହକର୍ମୀମାନଙ୍କୁ ନେଇ ଯୋଜନା ପ୍ରସ୍ତୁତ କରିଥିଲେ । ସବୁଦିନେ ଦୋକାନ ବନ୍ଦ କରି ବିଳମ୍ବିତ ରାତିରେ ବିଜୟ ମଦ ଦୋକାନରୁ ଟଙ୍କା ନେଇ ଘରକୁ ଫେରୁଥିବା ବେଳେ ତାଙ୍କୁ ଆକ୍ରମଣ କରି ଟଙ୍କା ଲୁଟି ନେବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଗତ ୪ ତାରିଖ ରାତି ପ୍ରାୟ ୧୦ଟା ୩୦ ମିନିଟରେ ମଦ ଦୋକାନ ବନ୍ଦ କରି ଗ୍ରାମ ପିଲାଖାଇ ପୋଖରୀ ପାର୍ଶ୍ୱ ରାସ୍ତା ଦେଇ ବିଜୟ ଘରକୁ ଫେରିବା ସମୟରେ ମୁଖ୍ୟ ଅଭିଯୁକ୍ତ ପିଣ୍ଟୁଙ୍କ ସମେତ ଅନ୍ୟମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ନଂ. ୨୨୭/୧୮ରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ମାନେ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି ।

### ୧୫ ହଜାର ଟଙ୍କା, ମୋବାଇଲ ଫୋନ ଜବତ




ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ରାମ୍‌ଜୀ କଲେଜ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପକ୍ଷରୁ ସୋମବାର ଡେଙ୍ଗାଓସ୍ତା ଗ୍ରାମରେ ଡୋର-ଟୁ-ଡୋର କ୍ୟାମ୍ପେନିଂ କରାଯାଉଛି।

## କୀଟନାଶକ ପିଇ ୨ ମୃତ

**ବ୍ରହ୍ମପୁର ଅଫିସ୍,୮।୧୦**

କୀଟନାଶକ ପିଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ବଡଖମ୍ବା ଗ୍ରାମର ପଦ୍ମେଶ୍ୱର କହଁରଙ୍କ କନ୍ୟା ମିଲି କହଁର (୨୨) ଏବଂ ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଚମାଖଣ୍ଡି ଗ୍ରାମର ପି.କାଳିଆମ୍ମା (୫୫) । ଗତ ରବିବାର କୌଣସି କାରଣରୁ, ମିଲି ମାନସିକ ଭାରସାମ୍ୟ ହରାଇ ଫୁଲକୋବି ଚାଷ ପାଇଁ ଘରେ ରହିଥିବା କୀଟନାଶକ ଔଷଧ ପିଇ ଦେଇଥିଲେ । ଫଳରେ ଗୁରୁତର ଅସୁସ୍ଥ ହୋଇଥିଲେ। ପରିବାର ବର୍ଗ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରିବା ପରେ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି । ସେହିପରି ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ଗତ ଶନିବାର ଚମାଖଣ୍ଡି ଗ୍ରାମର ପି.କାଳିଆମ୍ମା ଘରେ ଥିବା କୀଟନାଶକ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୦୭/୧୮ ଏବଂ ୫୦୮/୧୮ରେ ପୃଥକ ପୃଥକ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି ।

## ଷ୍ଟଡି ଟୁରରେ ଭୁବନେଶ୍ୱର ଗଲେ ୧୩୪ ଜନଜାତି ଛାତ୍ରୀଛାତ୍ର

**ପାରଳାଖେମୁଣ୍ଡି, ୮।୧୦(ସ୍ୱ.ପ୍ର.)–**

ଗଜପତି ଜିଲାର ବିଭିନ୍ନ ଆବାସିକ ବିଦ୍ୟାଳୟର ୧୩୪ଜଣ ଜନଜାତି ଛାତ୍ରୀଛାତ୍ର ସୋମବାର ଷ୍ଟଡି ଟୁରରେ ଭୁବନେଶ୍ୱର ଯାଇଛନ୍ତି। ମଙ୍ଗଳ ବିଭାଗ ଆନୁକୁଲ୍ୟରେ ଜିଲାର ୭ଟି ବ୍ଲକରୁ ଯାଇଥିବା ଏହି ଛାତ୍ରୀଛାତ୍ରମାନେ ସେଠାରେ ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବେ। ପାରଳାଖେମୁଣ୍ଡି ସହରସ୍ଥ ଗଜପତି ଷ୍ଟାଡିୟମ ପରିସରରୁ ଗୋଟିଏ ବସ୍ ବାହାରିଥିବା ବେଳେ ଅନ୍ୟ ଏକ ବସ୍ ଚନ୍ଦ୍ରଗିରି ଅଞ୍ଚଳରୁ ଭୁବନେଶ୍ୱର ଯିବ ବୋଲି ଜଣାପଡ଼ିଛି। ଏମାନଙ୍କ ସହ ଗାଇଡ ଶିକ୍ଷକ ଭାବେ ବି.ବି.ଜେ. ମହାପାତ୍ର ଯାଇଛନ୍ତି। ଏହି ଗସ୍ତର ସମସ୍ତ ଖର୍ଚ୍ଚ ତଥା ଖାଦ୍ୟ ପାନୀୟ ସରକାରଙ୍କ ପକ୍ଷରୁ ବହନ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ । ଏହି ବସ୍ ବାହାରିବା ସମୟରେ ଗଜପତି ଷ୍ଟାଡିୟମ ପରିସରରେ ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଗସ୍ତର ଶୁଭ କାମନା କରିଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ଣ୍ଣର



@ କିଶନ



@ ଅଭିଷେକ



@ ବାଳିଆ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ନବବଧୂଙ୍କ ମୃତ୍ୟୁ

**ଭଞ୍ଜନଗର,୮।୧୦(ଡି.ଏନ.ଏ.)**

ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲିର ନବବଧୂ ମମତା ସ୍ୱାଇଁଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ମମତାଙ୍କ ବାପା ପୋଲସରା ଥାନା ଅନ୍ତର୍ଗତ କେନ୍ଦୁବାଡ଼ିର ସନ୍ତୋଷ ଭୂୟାଁ ସନ୍ଧ୍ୟାରେ ଭଞ୍ଜନଗର ଥାନାରେ ଝିଅର ମୃତ୍ୟୁକୁ ନେଇ କୌଣସି ସନ୍ଦେହ ନାହିଁ ବୋଲି ଲିଖିତ ଭାବେ ଜଣାଇଛନ୍ତି । ସୂଚନାଯୋଗ୍ୟ, ଅପରାହ୍ନରେ ମମତା ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଶ୍ୱଶୁର ଘର ଲୋକେ ତାଙ୍କୁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ । ସେଠାରେ ମମତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଏଲ୍‌ଆଇସି ଅଧିକାରୀ ସଂଘର ବୈଠକ

**ବ୍ରହ୍ମପୁର ଅଫିସ୍,୮।୧୦**

ଭାରତୀୟ ଜୀବନ ବୀମା ନିଗମର କ୍ଲାସ୍-୧ ଅଧିକାରୀ ସଂଘ ବୈଠକ ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଜୋନାଲ୍ ସମ୍ପାଦକ ଧର୍ମେନ୍ଦ୍ର କୁମାର ଏବଂ ସଭାପତି ପ୍ରବୀର ରଥ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଡିଭିଜନାଲ୍ ସଭାପତି ଏମ୍.କେ. ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଏ.କେ. ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ କେ.କେ. ରାଓ ବାର୍ଷିକ ଆୟବ୍ୟୟ ଉପସ୍ଥାପନା କରିଥିଲେ। ୧୪ ଶାଖାର ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ କମ୍ପାନୀର ବିଭିନ୍ନ ବିଷୟ ସମ୍ପର୍କରେ ଆଲୋଚନା କରାଯାଇଥିଲା ।




ବୈଠକରେ ସଂଘର କର୍ମକର୍ତ୍ତା ଏବଂ ଅତିଥି ।

■ଗୋସାଇଁନୂଆଗାଁ କାଳୁଆ ଯାତ୍ରା ଆରମ୍ଭ

# ଅସ୍ଥାୟୀ ମଣ୍ଡପରେ ବିଜେ କଲେ ମା'

**ବ୍ରହ୍ମପୁର ଅଫିସ୍,୮।୧୦**

■ଯାତ୍ରା ଅବଧି ୧୭ଦିନ

■କୁମାରପୂର୍ଣ୍ଣିମାରେ ବାହୁଡାଣୀ ଯାତ୍ରା

ସ୍ଥାନୀୟ ଗୋସାଇଁନୂଆଗାଁର ପ୍ରସିଦ୍ଧ ମା' କାଳୁଆ ଯାତ୍ରା ସୋମବାର ମହାଳୟା ଅମାବାସ୍ୟା ରାତିରୁ ଆରମ୍ଭ ହୋଇଛି । ଏହା ଆସନ୍ତା କୁମାରପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବାର ପ୍ରାଚୀନ ପରମ୍ପରା ରହିଛି । ଯାତ୍ରା ପାଇଁ ଗୋସାଇଁନୂଆଗାଁ ଉତ୍ସବମୁଖର ହୋଇଛି । ସମଗ୍ର ଅଞ୍ଚଳ ରଙ୍ଗୀନ ଆଲୋକରେ ଝଲସୁଛି। ସୋମବାର ରାତିରେ ବଡ଼ସାହିସ୍ଥିତ ଅସ୍ଥାୟୀ ମଣ୍ଡପରୁ ମହିଳା ଓ ପୁରୁଷଙ୍କ ବିଶାଳ ପଟୁଆର ବାହାରିଥିଲା। ବାଦ୍ୟ ବାଜଣା, ଶଙ୍ଖ ମହୁରି ଧ୍ୱନି, ଘଣ୍ଟ ତାଳରେ ଦୁଲୁକି ଥିଲା। ପଟୁଆର କାଳୁଆ ନିଜସ୍ୱ ମନ୍ଦିରରେ ପହଞ୍ଚିବା ପରେ ସେଠାର ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ଏବଂ ହୋମ କରାଯାଇଥିଲା । ମା'ଙ୍କ ମସ୍ତକରେ ଫୁଲମାଳ ଚଢ଼ାଯାଇ ୧୭ଦିନ ପାଇଁ ବାପା ଘରକୁ ବିଜେ କରିବାର ନିମନ୍ତ୍ରଣ ସହ ଆରାଧନା କରାଯାଇଥିଲା । କିଛି ସମୟ ପରେ ମସ୍ତକରୁ ଆପେ ଫୁଲମାଳ ଖସିବାରୁ ମା' କାଳୁଆ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାପ ଘରକୁ ଆସିବାର ସଙ୍କେତ ମିଳିଥିଲା ।

ଯାତ୍ରା ପରିଚାଳନା କମିଟି ପକ୍ଷରୁ ସମସ୍ତ ଆୟୋଜନ କରାଯାଇଥିଲା। ମନ୍ଦିର ପାଖରୁ ପୁଣି ପଟୁଆର ବାହାରିଥିଲା । ଘଟକୁ ବାପଘର ମୁଖିଆ ମୁଣ୍ଡାଇ ଥିଲେ । ସାହି ପରିକ୍ରମା ଆରମ୍ଭ କରାଯାଇଥିଲା । କମିଟି ସଭାପତି ଜଗନ୍ନାଥ ଚୌଧୁରୀଙ୍କ କହିବାନୁସାରେ, ଗୋସାଇଁନୂଆଗାଁରେ ୫୦ରୁ ଉର୍ଦ୍ଧ୍ୱ ସାହି ରହିଛି । ପରମ୍ପରା ଅନୁସାରେ ସବୁ ସାହି ବୁଲିବା ପରେ ଅସ୍ଥାୟୀ ମଣ୍ଡପକୁ ମା' ବିଜେ କରିବାର ବ୍ୟବସ୍ଥା କରାଯାଇଛି । ସାହିକୁ ସାହି ପରିକ୍ରମା ବେଳେ ସମସ୍ତଙ୍କ ଘର ଆଗରେ ପୂର୍ଣ୍ଣକୁମ୍ଭ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା । ମା'ଙ୍କ ପ୍ରିୟ ଗଇଣ୍ଠା ଖିରି ଭୋଗ ଲାଗିଥିଲା । ଏହି କାର୍ଯ୍ୟକ୍ରମ ସରିବା ବେଳକୁ ରାତି ପାହି ଯାଇଥିଲା । ବଡ଼ ସାହି ଅସ୍ଥାୟୀ ମଣ୍ଡପରେ ମା' ବିଜେ କରିବା ପରେ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ପରେ ଘଟ ସ୍ଥାପନା କରାଯାଇଥିଲା ।

କାଳୁଆ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦାକ୍ଷେପ ନିଆଯାଇଛି । ପରିମଳ ସୁରକ୍ଷା ଦାୟିତ୍ୱ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ ନେଇଛି । ନିରବଚ୍ଛିନ୍ନ ଜଳ ଯୋଗାଣ ଏବଂ ବିଦ୍ୟୁତ୍ ସଂଯୋଗକୁ କଡ଼ାକଡ଼ି କରାଯାଇଛି । ଦମକଳ ବାହିନୀକୁ ସଜାଗ ରଖାଯିବା ସହ ଅସ୍ଥାୟୀ ମଣ୍ଡପରେ ପ୍ରତିଦିନ ମା'ଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଯାତ୍ରା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି ସଭାପତି ଚୌଧୁରୀ। ଗୋସାଇଁନୂଆଗାଁ ବାସିନ୍ଦାମାନେ ଯାତ୍ରା ସକ୍ରିୟ ସହଯୋଗ କରୁଥିବା ସେ ଦର୍ଶାଇଛନ୍ତି । ପୂର୍ବ ବର୍ଷରେ ଯାତ୍ରା ଅବଧି ମହାଳୟା ଅମାବାସ୍ୟାରୁ କୁମାରପୂର୍ଣ୍ଣିମା ୧୫ଦିନ ରହିଥିବା ବେଳେ ଚଳିତ ବର୍ଷ ପାଞ୍ଜି ଗଣନାକୁ ଭିତ୍ତିକରି ୧୭ଦିନକୁ ବୃଦ୍ଧି ପାଇଛି । ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପରେ ଏହା ହେଉଛି ଦ୍ୱିତୀୟ ବଡ଼ ଧରଣର ଯାତ୍ରା । ପ୍ରତି ଦିନ ଗୋସାଇଁନୂଆଗାଁ ବାସିନ୍ଦାମାନେ ଅସ୍ଥାୟୀ ପୀଠରେ ମା'ଙ୍କୁ ଆମିଷ ଭୋଗ ଲଗାଇବାର ପରମ୍ପରା ରହିଛି । ପୂର୍ବରୁ ଯାତ୍ରା କମିଟି ଦ୍ୱାରା ହୋଇଥିବା ଆମିଷ ଭୋଗ ବିକ୍ରି ବନ୍ଦ ହୋଇଯାଇଥିବା ସଭାପତି ଚୌଧୁରୀ ସୂଚନା ଦେଇଛନ୍ତି । ଅପରପକ୍ଷରେ ୯ତାରିଖ(ମଙ୍ଗଳବାର)ରୁ ଯାତ୍ରା ଶେଷ ଦିନ ପର୍ଯ୍ୟନ୍ତ ଗୋସାଇଁନୂଆଗାଁର ବିଭିନ୍ନ ସାହିରେ ଭଜନ ସମାରୋହ ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ହୋଇଛି । ତାପରେ, ସମ୍ବଲପୁରୀ ନୃତ୍ୟ, ବ୍ରହ୍ମଗିରିର କେବଳ ଝିଅ ପିଲାଙ୍କ ଦ୍ୱାରା ମାଲ୍‌ଖମ୍ବା ନୃତ୍ୟ, ଦିଗପହଣ୍ଡିର ପାଇକ ଆଖଡ଼ା, ନୟାଗଡ଼ର ମହିଳାମାନଙ୍କ ଦ୍ୱାରା ରାମାୟଣ ପରିବେଷଣ ଓ ଆଧୁନିକ ରେକର୍ଡ଼ ଡ୍ୟାନ୍ସ ଆଦି ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି । ଅସ୍ଥାୟୀ ମଣ୍ଡପରେ ପ୍ରାତଃରେ ଉଦୟ ଶଙ୍ଖ, ମାର୍ଜନା, ମଙ୍ଗଳ ଆଳତି, ବାଲଭୋଗ ଓ ଶାନ୍ତି ପାଠ କରାଯିବ । ସେହି ପରି ସନ୍ଧ୍ୟା ଆଳତି ନିୟମିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।





ଗୋସାଇଁନୂଆଗାଁ ମା' କାଳୁଆ । ଯାତ୍ରା ପାଇଁ ନିର୍ମିତ ଆକର୍ଷଣୀୟ ତୋରଣ ।

# ଡକରବାଡ଼ି ଗ୍ରାମବାସୀ ନିଜ ଉଦ୍ୟମରେ ସଫା କଲେ ରାସ୍ତା

## ଧରିତ୍ରୀ,ଓଡ଼ିଶା ପୋଷ୍ଟର ପ୍ଲାଷ୍ଟିକମୁକ୍ତ ଅଭିଯାନକୁ ସମର୍ଥନ

ଦାରିଙ୍ଗବାଡ଼ି,୮।୧୦(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଡକରବାଡ଼ି ଗ୍ରାମବାସୀ ସୋମବାର ଏକାଠି ହୋଇ ଗାଁ ରାସ୍ତା ସଫା କରିବା କରିଥିଲେ । ଏଥି ସହ ଗାଁ ରାସ୍ତା ଖାଲଖମା ହୋଇଥିବାରୁ ତାକୁ ମାଟି ପକାଇ ମରାମତି କରିଥିଲେ । ଦୀର୍ଘଦିନ ଧରି ଏହି ରାସ୍ତା ମରଣଯନ୍ତା ପାଲଟିଥିଲା। ବର୍ଷା ହେଲେ ଯାତାୟାତ ଠପ୍ ହେଉଥିଲା। ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ସମ୍ଭବ ହେଉ ନ ଥିଲା। ଏଠାକୁ ପଞ୍ଚାୟତ ରାସ୍ତା ଥିବା ବେଳେ ଲାରିବାଡ଼ି ହୋଇ ପୂର୍ତ୍ତବିଭାଗ ସିମନବାଡ଼ି-ରାଇକିଆ ସଂଯୋଗ କରୁଥିବା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାର୍ଯ୍ୟ ଚାଲିଥିବା ବେଳେ ସିମନବାଡ଼ିରୁ ଡକରବାଡ଼ି ଏହି ଯୋଜନାରେ କାର୍ଯ୍ୟ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମବାସୀ ବହୁ ସମୟରେ ହଇରାଣ ଭୋଗିବା ସହ ଗାଁକୁ ଏକ ବେଲିବ୍ରିଜ ରହିଥିଲେ ମଧ୍ୟ ରାସ୍ତା ନ ଥିବାରୁ ଯାତାୟାତରେ ସମସ୍ୟା ଦେଖାଯାଇଥିଲା । ଏନେଇ ଗ୍ରାମରେ ରବିବାର ମହାତ୍ମା ଗାନ୍ଧୀ ଗ୍ରାମ୍ୟ ଉନ୍ନୟନ ଓ ସୁରକ୍ଷା କମିଟି ସଭାପତି ରାମଦେଉ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସିମନବାଡ଼ିରୁ ଡକରବାଡ଼ି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମରାମତି କରାଯିବା ସହ ରାସ୍ତା କଡ଼ରେ ସୃଷ୍ଟି ହୋଇଥିବା ବୁଦା ହାଣି ସଫା କରିଥିଲେ । ଏଥି ସହ ଧରିତ୍ରୀ,ଓଡ଼ିଶା ପୋଷ୍ଟର ପ୍ଲାଷ୍ଟିକମୁକ୍ତ ଅଭିଯାନକୁ ଗ୍ରାମବାସୀ ସମର୍ଥନ ଜଣାଇ ଗ୍ରାମରେ ସମସ୍ତେ ପ୍ଲାଷ୍ଟିକକୁ ଅଗ୍ରାହ୍ୟ କରିବା ସହ କପଡ଼ା ବ୍ୟାଗ ବ୍ୟବହାର, ପଲିଥିନ ମୁକ୍ତ ଗ୍ରାମ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସଭାପତି ପ୍ରଧାନ କହିଛନ୍ତି । ନିର୍ଦ୍ଧାରିତ ନିଷ୍ପତ୍ତିକୁ ଗ୍ରାମବାସୀ କାର୍ଯ୍ୟକାରୀ କରିବା ପାଇଁ ସୋମବାର ସକାଳୁ ସଫେଇ କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର କୁମାରୀ ମାରିଆ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ପ୍ରମିଳା ପ୍ରଧାନଙ୍କ ସମେତ ଜିଅବାଜିରି ଗ୍ରୁପ ସଭାନେତ୍ରୀ ବିନତୀ ଦିଗାଳ, ସସ୍ମିତା ପ୍ରଧାନ, ସୁରକ୍ଷା କମିଟି ଉପସଭାପତି ଦିଲୀପ କୁମାର ପ୍ରଧାନ, ସମ୍ପାଦକ ତ୍ରିନାଥ ପ୍ରଧାନ, କୋଷାଧ୍ୟକ୍ଷ ମୁସୁକା ଦିଗାଳ, ଜଗଦୀଶ୍ୱର ପ୍ରଧାନଙ୍କ ସହ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ । ଏହି କାର୍ଯ୍ୟରେ ଗ୍ରାମର ସମସ୍ତ ମହିଳା, ପୁରୁଷ, ଯୁବଗୋଷ୍ଠୀ ସାମିଲ ହୋଇଥିଲେ । ଗ୍ରାମବାସୀଙ୍କ ଏହି କାର୍ଯ୍ୟକୁ ଅଞ୍ଚଳବାସୀ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ସାଧୁବାଦ ଜଣାଇଛନ୍ତି ।


ଡକରବାଡ଼ି ଗ୍ରାମବାସୀ ଧରିତ୍ରୀ, ଓଡ଼ିଶାପୋଷ୍ଟର ପ୍ଲାଷ୍ଟିକମୁକ୍ତ ଅଭିଯାନକୁ ସମର୍ଥନ ଜଣାଉଛନ୍ତି ।

## ସଂକ୍ଷେପରେ

### ଚାଲାଣବେଳେ ଧରାପଡିଲେ ୯ ଯୁବତୀ, ୨ ଦଲାଲ ଅଟକ

ତୁମୁଡିବନ୍ଧ,୮।୧୦(ଡି.ଏନ.ଏ.): କନ୍ଧମାଳ ଜିଲା ତୁମୁଡିବନ୍ଧ ପୋଲିସ ସୋମବାର ୯ଜଣ ଯୁବତୀଙ୍କୁ କେରଳ ଚାଲାଣ କରାଯାଉଥିବା ବେଳେ ଉଦ୍ଧାର କରିଛି । ଏଥିରେ ସମ୍ପୃକ୍ତ ୨ ଜଣ ଦଲାଲଙ୍କୁ ଅଟକ ରଖିଛି । ଯୁବତୀଙ୍କୁ ସକାଳ ୯ଟା ୩୦ ମିନିଟ୍ ସମୟରେ ଦଲାଲ ଦ୍ୱୟ ବସ୍‌ରେ ଚାଲାଣ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଧରିଥିଲା। ଯୁବତୀଙ୍କୁ କେରଳ କାମ କରିବାକୁ ଦଲାଲ ଦ୍ୱୟ ନେଉଥିବା ପୋଲିସରେ ମାନିଛନ୍ତି ।

### ଟ୍ରକ୍ ଧକ୍କାରେ ଭାଙ୍ଗିଲା ଡିଭାଇଡର



ହିଞ୍ଜିଳିକାଟୁ,୮।୧୦(ଡି.ଏନ୍.ଏ): ହିଞ୍ଜିଳିକାଟୁ ବ୍ଲକ ମକରଝୋଳ ଛକ ନିକଟ ଜାତୀୟ ରାଜପଥରେ ସୋମବାର ଏକ ଦ୍ରୁତଗାମୀ ଟ୍ରକ ଉପରୁ ଚାଳକ ନିୟନ୍ତ୍ରଣ ହରାଇବାରୁ ଟ୍ରକଟି ରାସ୍ତା ମଝିରେ ଥିବା ଏକ ଡିଭାଇଡ଼ରେ ଧକ୍କା ହୋଇଥିଲା। ଡିଭାଇଡ଼ର ଭାଙ୍ଗି ନଷ୍ଟ ହୋଇଯାଇଛି। ଚାଳକ ଜଣକ ପୁଣି ଟ୍ରକ ନେଇ ପଳାଇ ଯାଉଥିବା ବେଳେ ହିଞ୍ଜିଳି ଥାନା ପୋଲିସ ପିଛା କରି ଟ୍ରକକୁ ଜବତ କରିଛି। ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି। ଏ ନେଇ ପୋଲିସ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖବରଲେଖା ଯିବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### କର୍କଟ ରୋଗରେ ଡାକ୍ତରଙ୍କ ମୃତ୍ୟୁ

ପାତ୍ରପୁର,୮।୧୦(ଡି.ଏନ.ଏ.): ପାତ୍ରପୁର ବ୍ଲକ ଅଭୟପୁର ଗ୍ରାମର ହୋମିଓପାଥିକ ଡାକ୍ତର ରଜତ ପ୍ରଧାନ(୫୪)ଙ୍କ କର୍କଟ ରୋଗରେ ମୃତ୍ୟୁ ଘଟିଛି । କର୍କଟରେ ତାଙ୍କ ଲିଭର ନଷ୍ଟ ହୋଇଥିବାରୁ ମୁମ୍ବାଇ ଓ ପରେ ଭୁବନେଶ୍ୱରରେ ରହି ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟରେ ଉନ୍ନତୀ ନ ହେବାରୁ ପରିବାର ଲୋକେ ତାଙ୍କୁ ଘରକୁ ଆଣିଥିଲେ । ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଗ୍ରାମରେ ରଜତଙ୍କ ଶେଷକୃତ୍ୟ କରାଯାଇଛି। ଜରଡ଼ା ତାଲୁକା ପ୍ରଧାନ ସମାଜର ସମ୍ପାଦକ ନିଳମଣୀ ପ୍ରଧାନ, ଶଶାଙ୍କ କୁମାର ପ୍ରଧାନ, ନିଶାମଣି ପ୍ରଧାନ, ଭାଜପା ଯୁବନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ କଙ୍କେଶ୍ୱର ଆଞ୍ଚଳିକ ଯୁବକ ସଂଘ ସଭାପତି ସଂଗ୍ରାମ କେଶରୀ ନାୟକ ପ୍ରମୁଖ ରଜତଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

### ବାଇକ୍ ଧକ୍କାରେ ଛାତ୍ରୀ ଗୁରୁତର

ଦିଗପହଣ୍ଡି,୮।୧୦(ଡି.ଏନ୍.ଏ.): ଦିଗପହଣ୍ଡି-ପୋଡ଼ାମାରି ମୁଖ୍ୟ ରାସ୍ତାର ଡେଙ୍ଗାଓସ୍ତା ଗ୍ରାମରେ ବାଇକ ଧକ୍କାରେ ଜଣେ ଯୁକ୍ତ ୨ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମଞ୍ଜୁ ସାମନ୍ତରା। ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ମଞ୍ଜୁ ଟ୍ୟୁସନ ଯାଉଥିବାବେଳେ ବିପରୀତ ଦିଗରୁ ଦିଗପହଣ୍ଡି ଅଭିମୁଖେ ଯାଉଥିବା ଏକ ବାଇକ (ନଂ. ଓଆର୍‌୦୭ସି୫୫୪) ଧକ୍କା ଦେଇଥିଲା। ଫଳରେ ମଞ୍ଜୁ ଗୁରୁତର ହୋଇଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାହାଣ ଗୋଡ଼ ଭାଙ୍ଗିଯାଇଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ତାଲିମ ପାଇଁ କୋରାପୁଟ ଗଲେ ୧୦୪ ଯବାନ

ଛତ୍ରପୁର,୮।୧୦(ଡି.ଏନ.ଏ.): ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ଅଗସ୍ତିନୂଆଗାଁ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଅଷ୍ଟମ ଓଏସଏପି (ଓଡିଶା ଷ୍ଟେଟ୍ ଆର୍ମଡ ପୋଲିସ) ବାଟାଲିୟାନ ରହିଛି । ଏଠାରେ ୧୦୪ ଜଣଙ୍କୁ ନୂତନ ନିଯୁକ୍ତି ମିଳିଛି । ତାଲିମ ପାଇବା ପରେ ଏମାନେ ସିପାହୀ ହେବେ । ରବିବାର ଏମାନେ ସିପାହୀ ତାଲିମ ପାଇଁ ହୀରାଖଣ୍ଡ ଏକ୍ସପ୍ରେସ ଯୋଗେ କୋରାପୁଟ ଯାଇଛନ୍ତି। କୋରାପୁଟଠାରେ ଥିବା ତୃତୀୟ ଓଏସଏପି ବାଟାଲିୟନରେ ଏମାନେ ତାଲିମ ଗ୍ରହଣ କରିବେ । ତାଲିମ ୯ ମାସ ଧରି ଚାଲିବ । ଏହାପରେ ସେମାନଙ୍କୁ ସିପାହୀ ମାନ୍ୟତା ମିଳିବ ବୋଲି ଜଣାପଡିଛି । ନିକଟରେ ଅଷ୍ଟମ ବାଟାଲିୟନ ପରିସରରେ ଏଥିପାଇଁ ନିଯୁକ୍ତି ପ୍ରକ୍ରିୟା ଚାଲିଥିଲା । ଏଥିରେ ୧୦୪ ଜଣ ଉତୀର୍ଣ୍ଣ ହୋଇ ନୂତନ ନିଯୁକ୍ତି ପାଇଥିଲେ ।

# ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

ବାଲିଗୁଡ଼ା,୮।୧୦(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସିଟୁପାଜି ଗ୍ରାମ ନାଳ ନିକଟରୁ ସୋମବାର ଜଣେ ଅଜଣା ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସନ୍ଦେହ ଘେରରେ ରହିଛି। ପ୍ରକାଶ ଯେ, ସୋମବାର ସକାଳୁ ଗ୍ରାମର କିଛି ଲୋକ ଶୌଚ ହେବା ପାଇଁ ଯାଇଥିବା ବେଳେ ଏହି ଅଜଣା ଯୁବକଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସ୍ଥାନୀୟ ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ଶାନ୍ତିମଳିକ ଓ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଦେଖିବା ପରେ ବାଲିଗୁଡ଼ା ପୋଲିସକୁ ଖବର ଦେଇଥିଲେ। ବାଲିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଯୁବକଙ୍କ ପରିଚୟ ମିଳିପାରିନାହିଁ। ଏ ନେଇ ବାଲିଗୁଡ଼ା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖାଯାଇଥିବା ବିଷୟ ବାଲିଗୁଡ଼ା ଥାନା ଅଧିକାରୀ ରମାକାନ୍ତ ପାତ୍ର ପ୍ରକାଶ କରିଛନ୍ତି।

# ମହୁଲ ଫୁଲ ବୋଝେଇ ଅଟୋ ଜବତ, ଚାଳକ ଗିରଫ


ଜବତ ମହୁଲଫୁଲ ବୋଝେଇ ଗାଡ଼ି।


ଗିରଫ ଡ୍ରାଇଭର।

ଦାରିଙ୍ଗବାଡ଼ି,୮।୧୦(ଡି.ଏନ.ଏ.)

ଦାରିଙ୍ଗବାଡ଼ି ପୋଲିସ ଏକ ମହୁଲ ଫୁଲ ବୋଝେଇ ଡାଲା ଅଟୋକୁ ଜବତ କରିଛି। ସେଥିରୁ ୧୮ ପ୍ୟାକେଟ ମହୁଲ ଫୁଲ ଜବତ କରିବା ସହ ଶ୍ରାନିକେତାର ଅଟୋ ଚାଳକ ସୁବାସ ମାଝିଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଓଡ଼ିଶା ଅବକାରୀ ଆଇନ ଅନୁଯାୟୀ ମାମଲା(୧୪୦/୧୮) ରୁଜୁ କରି ତଦନ୍ତ କରାଯାଉଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି । ମହୁଲର ଓଜନ ୯ଶହ କେଜି ହୋଇଥିବା ପୋଲିସ କହିଛି। ପ୍ରକାଶଯେ, ରବିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଦାରିଙ୍ଗବାଡ଼ିରୁ ସିମନବାଡ଼ି ଜାତୀୟ ରାଜପଥରେ ଡାଲା ଅଟୋ ନଂ(ଓଆ।ର୧୦ଏଚ-୪୩୪୯)ରେ ମହୁଲ ଫୁଲ ବୋଝେଇ ହୋଇ ଯାଉଥିଲା। ଦଣ୍ଡିମ ଗ୍ରାମ ନିକଟରେ ପୋଲିସ ଉକ୍ତ ଅଟୋକୁ ଅଟକାଇ ଯାଞ୍ଚ କରିବା ସମୟରେ ସେଥିରେ ମହୁଲ ଫୁଲ ବୋଝେଇ ହୋଇ ଚୋରାଚାଲାଣ ହେଉଥିବା ଜାଣିପାରି ଜବତ କରିଥିଲା ।

## ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଦାରିଙ୍ଗବାଡ଼ି,୮।୧୦(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ଗୁମିକିଆ ପଞ୍ଚାୟତ ବଡହକିଆରେ ଏକ ମିନି ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଅଞ୍ଚଳର ଦୁଇଜଣ ପ୍ରତିନିଧି ସୋମବାର ବିଡିଓ ତ୍ରିଲୋଚନ ପାତ୍ରଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଏଥି ସହ ବାଲିଗୁଡ଼ା ଉପଜିଲାପାଳ ସତ୍ୟକ କ୍ରିଷ୍ଣନ କେପି ଦାରିଙ୍ଗବାଡ଼ି ଆସିଥିବାରୁ ପ୍ରତିନିଧି ଦଳ ତାଙ୍କୁ ମଧ୍ୟ ଜଣାଇଛନ୍ତି । ତାଙ୍କ ଗ୍ରାମରେ ପ୍ରାୟ ୨ଶହ ଲୋକ ଅଛନ୍ତି । ସେଥିରୁ ପାଖାପାଖି ୫୦ ଶିଶୁ ରହିଛନ୍ତି । ଗ୍ରାମ ଠାରୁ ପ୍ରାୟ ୪ ରୁ ୫ କି.ମି. ଦୂରରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଶିଶୁମାନେ ଯାତାୟାତ ସମ୍ଭବ ହେଉନାହିଁ। ବଡହକିଆରେ ଏହି କେନ୍ଦ୍ର ସ୍ଥାପନ କଲେ ଅଞ୍ଚଳର ଶିଶୁମାନେ ମୌଳିକ ଶିକ୍ଷା ପାଇପାରିବେ ବୋଲି ଜଣାଇଛନ୍ତି। ଦାବି ପତ୍ର ନକଲ ବ୍ଲକ ଅଧ୍ୟକ୍ଷା ସୁବେନ୍ଦ୍ରୀ ପ୍ରଧାନ ଏବଂ ସିଡିପିଓଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି । ୱାର୍ଡ଼ ସଭ୍ୟ ଭଙ୍ଗିଲ ପ୍ରଧାନଙ୍କ ସମେତ ଜିରିମୟ ପ୍ରଧାନ, ଜିତା ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ଅନନ୍ତ ପ୍ରଧାନ ଓ କପିଳ ପ୍ରଧାନଙ୍କ ସମେତ ଶତାଧିକ ଗ୍ରାମବାସୀ ଏହି ଦାବି କରିଛନ୍ତି ।

# ଭାଜପା ପକ୍ଷରୁ ଆୟୁଷ୍ମାନ୍ ଯୋଜନା ସଚେତନତା

ଟିକିଟି,୮।୧୦(ଡି.ଏନ.ଏ.)

ଟିକିଟି ବ୍ଲକ ଚାନ୍ଦପୁର, ଲାଲମେଣ୍ଟା, ନୂଆପଡା, କଲବାଡ, ଟିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ବହୁ ପଞ୍ଚାୟତରେ ଶନିବାର ଭାଜପା ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ବିଭୁତି ଜେନା ଏବଂ ଜିଲା ସଭାପତି କାହ୍ନୁଚରଣ ପତିଙ୍କ ନିର୍ଦ୍ଦେଶକ୍ରମେ ମୋଦି ସରକାରଙ୍କ ଆୟୁଷ୍ମାନ୍ ଭାରତ ଯୋଜନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଜପାର ବରିଷ୍ଠ ନେତା ଶଙ୍କର ପ୍ରଧାନ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରି ସମ୍ପର୍କରେ ଲୋକଙ୍କୁ ସଚେତନତା କରାଇ ଏକ ସଚେତନତା ରଥ ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଏ କାଳିଆ, ହୀରାଲାଲ ପାଢ଼ୀ, ମୀନକେତନ ଚୌଧୁରୀଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ ।


ଆୟୁଷ୍ମାନ୍ ଯୋଜନା ସଚେତନତା କାର୍ଯ୍ୟକ୍ରମ ।

## ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ

ବେଗୁନିଆପଡ଼ା,୮।୧୦(ଡି.ଏନ୍.ଏ): ବେଗୁନିଆପଡ଼ା ବ୍ଲକ କଣ୍ଟାପଡ଼ାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶଶଧର ବେହେରା, ମୁଖ୍ୟବକ୍ତା ସୁଶ୍ରୀ ରତ୍ନପ୍ରଭା ଦାସ, ସମ୍ମାନିତ ଅତିଥି କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା, ସୁଶାନ୍ତ କୁମାର ଲେଙ୍କା, ଶିବରାମ ପଣ୍ଡା, ପ୍ରଭାତ କୁମାର ମିଶ୍ର ଯୋଗଦେଇ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଜୀବନୀ ଓ ପାଠଚକ୍ରର ଆବଶ୍ୟକତା ଓ ଅତିମାନସ ଶକ୍ତିର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଫକୀର ମୋହନ ସାହୁ ଓ ଧର୍ମାନନ୍ଦ ମହାରଣାଙ୍କ ସମେତ ଅନେକ ଛାତ୍ରୀଛାତ୍ର ଯୋଗଦେଇ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ପାତ୍ରପୁର,୮।୧୦(ଡି.ଏନ୍.ଏ.): ପାତ୍ରପୁର ବ୍ଲକ ବି.ନୂଆଗାଁ ପଞ୍ଚାୟତ ଶବର ଦେଇ ପେଟା ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ୱାଇ ନିଲାମ୍ବା (୫୨)। ମହିଳା ଜଣକ ସନ୍ଧ୍ୟାରେ ବିଲକୁ ଯାଇଥିବାବେଳେ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ମଙ୍ଗଳବାର ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ।

## ଆନ୍ତଃ ବିଭାଗ ପାଠଚକ୍ର

ବାଲିଗୁଡା, ୮।୧୦(ଡି.ଏନ୍.ଏ.): ବାଲିଗୁଡାସ୍ଥିତ ଆଦିବାସୀ କଲେଜ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆନ୍ତଃ ବିଭାଗ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ବଜେନ୍ଦ୍ର କୁମାର ବିନ୍ଧାଣି, ଅଧ୍ୟାପକ ଲଲାଟେନ୍ଦୁ ଦଳପତି, ସନ୍ତୋଷ କୁମାର ବେହେରା, ଗିରିଶ ମୁଠାମାଝି, ସୁଶାନ୍ତ କୁମାର ଦାସ, ଅଧ୍ୟାପିକା ସଂଯୁକ୍ତା ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ଲାଟୋ ଦର୍ଶନ ଶାସ୍ତ୍ର ସମ୍ପର୍କରେ ବୁଝାଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ସମ୍ମାନ ଛାତ୍ରୀଛାତ୍ର ସୀତାରାମ ପ୍ରଧାନ, ସୁଶ୍ରୀ ସନ୍ତୋଷିନୀ ମହାରଣା, ଅଙ୍କିତା କୁମାରୀ ପ୍ରମୁଖ ପ୍ଲାଟୋଙ୍କ ଦର୍ଶନ ଶାସ୍ତ୍ରର ପ୍ରାସଙ୍ଗିକତା ସମ୍ପର୍କରେ ସନ୍ଦର୍ଭ ପାଠ କରିଥିଲେ। ପାଠଚକ୍ରରେ ମହାବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ରାଜନୀତି ବିଜ୍ଞାନ ବିଭାଗ ପାଠଚକ୍ରର ସମ୍ପାଦକ ଶୁଭମ୍ ପ୍ରତ୍ୟମ୍ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆଲମିରା ତଳେ ଚାପି ହୋଇ ନାବାଳକ ମୃତ

ଖଲ୍ଲିକୋଟ,୮।୧୦(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ କେଶପୁର ନୂଆସାହିରେ ସୋମବାର କାଠ ଆଲମିରା ତଳେ ଚାପି ହୋଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବଳରାମ ସାହୁଙ୍କ ପୁଅ ପ୍ରତ୍ୟୁଷ (୪)। ବଳରାମଙ୍କ ଘରେ ଥିବା ଏକ କାଠ ଆଲମିରା ଉପରେ କିଛି ଖେଳଣା ରଖାଯାଇଥିଲା। ପ୍ରତ୍ୟୁଷ ଉକ୍ତ ଖେଳଣାଗୁଡ଼ିକ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଆଲମିରାଟି ତାଙ୍କ ଉପରେ ପଡ଼ିଯାଇଥିଲା। ବାରିପଟେ ଥିବା ପରିବାର ଲୋକ ପ୍ରତ୍ୟୁଷଙ୍କ କାନ୍ଦ ଶୁଣି ଆସି ତାକୁ ଉଦ୍ଧାର କରି ତୁରନ୍ତ ଖଲ୍ଲିକୋଟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରତ୍ୟୁଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଉକ୍ତ ଗ୍ରାମରେ ଦୁଃଖଦ ପରିବେଶ ସୃଷ୍ଟି ହୋଇଥିଲା।

# ଭାଜପାର ପଥପ୍ରାନ୍ତ ସଭା

ବାଲିଗୁଡା,୮।୧୦(ଡି.ଏନ୍.ଏ.)

ବାଲିଗୁଡାର ବିଭିନ୍ନ ସ୍ଥାନରେ ଭାଜପା ପକ୍ଷରୁ ପଥପ୍ରାନ୍ତ ସଭା କରାଯାଇ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି। ତ୍ରିବେଦୀ ପାର୍କ,ବସଷ୍ଟାଣ୍ଡ, ନୂଆସାହି ଛକ ଓ ପିଡବ୍ଲୁଡି ଛକଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାଗୁଡିକରେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିଜେଡି ବାଧକ ସାଜିଛି ବୋଲି ଉପସ୍ଥିତ ନେତାମାନେ କହିଥିଲେ। ଏହି ଜନହିତକର ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଲୋକେ ରାଜ୍ୟ ସରକାରଙ୍କ ଉପରେ ଲୋକେ ଚାପ ପକାନ୍ତୁ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲା ଭାଜପା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ଉପସଭାପତି ଶେଷଦେବ ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ରଞ୍ଜିତ କୁମାର ସାହୁ, ବାଲିଗୁଡ଼ା, ବାଟାଗୁଡ଼ା ଓ ବାରଖମା ମଣ୍ଡଳର ଦେବେନ୍ଦ୍ର କୁଦେଇ, ନକୁଳ ପ୍ରଧାନ, ଇନ୍ଦ୍ରମଣି ପାତ୍ରଙ୍କ ସମେତ କର୍ମୀମାନେ ଯୋଗ ଦେଇଥିଲେ। ବାଲିଗୁଡ଼ା ନଗର ସଭାପତି ସୁରେନ୍ଦ୍ର ପାତ୍ର ସଭା ପରିଚାଳନା କରିଥିଲେ ।


ପଥପ୍ରାନ୍ତ ସଭାରେ ଉପସ୍ଥିତ ନେତା।

## ଘନ ଘନ ବିଦ୍ୟୁତ୍ କାଟ, ଲୋକେ ଅତିଷ୍ଠ

କୁକୁଡ଼ାଖଣ୍ଡି,୮।୧୦(ଡି.ଏନ୍.ଏ.): କୁକୁଡ଼ାଖଣ୍ଡି ବ୍ଲକ ନିମଖଣ୍ଡି ପଞ୍ଚାୟତରେ ଘନ ଘନ ବିଜୁଳି କାଟ ହେଉଥିବାରୁ ଜନସାଧାରଣ ଅତିଷ୍ଠ ହାଇପଡ଼ିଛନ୍ତି। ଏନେଇ ପଞ୍ଚାୟତ ବାସୀ, ସ୍ଥାନୀୟ ସରପଞ୍ଚ ପ୍ରଦୀପ ବେହେର ବିଦ୍ୟୁତ୍ ବିଭାଗକୁ ମାସରୁ ଉର୍ଦ୍ଧ୍ୱ ହେବ ଅଭିଯାଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ତେଣୁ ପଞ୍ଚାୟତ ବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଦାବି ଜଣାଇବା ସହ ବିଦ୍ୟୁତ୍ ବିଭାଗ ବିରୋଧରେ ଆନ୍ଦୋଳନ କରିବା ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ଦେଇଛନ୍ତି। ଏନେଇ ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ବିଦ୍ୟୁତ୍ ବିଭାଗରେ କିଛି କାମନେଇ ଏପରି ବିଭ୍ରାଟ ହେଉଛି, ଖୁବଶୀଘ୍ର ସମସ୍ୟା ସମାଧାନ ହେବ।

# ଘରେ ବସି ଦରମା ନେଉଛନ୍ତି ପ୍ରଧାନଶିକ୍ଷକ

ଫିରିଙ୍ଗିଆ, ୮।୧୦

**ବଦାପାଜୁ ବିଦ୍ୟାଳୟ**
- ବିଇଓ, ସିଆରସିସିଙ୍କ କଥାରେ ରହୁନି ତାଳମେଳ
- ଘଟଣାର ତଦନ୍ତ ହେବ: ଡିଇଓ

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । କେତେକ ଶିକ୍ଷକ ବିଦ୍ୟାଳୟକୁ ନ ଆସି ଘରେ ରହି ଦରମା ନେଉଛନ୍ତି । ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଟଙ୍କା ଲାଞ୍ଚ ନେଇ ଅନୁପସ୍ଥିତ ରହୁଥିବା ଶିକ୍ଷକମାନଙ୍କ ଦରମା କରି ଦେଉଛନ୍ତି । ଏହି ଘଟଣାକୁ ଶିକ୍ଷା ବିଭାଗ ଅଧିକାରୀ ଅସ୍ୱୀକାର କରୁଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏଭଳି ଘଟଣା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ବଦାପାଜୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଆସୁ ନାହାନ୍ତି, ଜଣେ ଶିକ୍ଷକ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ଅପରପକ୍ଷେ ବିଦ୍ୟାଳୟ ନ ଆସି ସମ୍ପୃକ୍ତ ପ୍ରଧାନଶିକ୍ଷକ ଦରମା କିପରି ନେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଅଧିକ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲେ ହେଁ ତାହା ସମାପ୍ତ ହୋଇନାହିଁ । ଗୋଟିଏ ଶ୍ରେଣୀ ଗୃହରେ ୫ ଶ୍ରେଣୀର ପିଲାମାନେ ପଢୁଛନ୍ତି। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୨୩ ଜଣ ପିଲା ଏବେ ଅଧ୍ୟୟନରତ । ଆଜିକୁ ବହୁ ମାସ ହେବ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ବିଦ୍ୟାଳୟ ଆସୁନାହାନ୍ତି। ହେଲେ ସେ ଦରମା ପାଉଥିବା ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରୋହିତ କହଁର ପ୍ରକାଶ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲଙ୍କୁ ପଚାରିବାରୁ ଆମ ପାଖରୁ ରିପୋର୍ଟ ଆସିଛି ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଆସିଛନ୍ତି । ସିଆରସିସି ଏହି ରିପୋର୍ଟ ଦେଇଛନ୍ତି। ସେ ବିଦ୍ୟାଳୟ ଆସୁ ନ ଥିବା ନେଇ କେହି ଅଭିଯୋଗ କରି ନାହାନ୍ତି। ଯଦି ସେପରି ହେଉଥିବା, ଆମେ ତାହାର ତଦନ୍ତ କରିବୁ। ଅପରପକ୍ଷେ ସିଆରସିସି କୈଳାସ ଚନ୍ଦ୍ର କହଁର କୁହନ୍ତି, ପ୍ରଧାନଶିକ୍ଷକ ଆସୁ ନାହାନ୍ତି । ମୁଁ ବିଇଓଙ୍କୁ ରିପୋର୍ଟ କରିଛି । ତାହାର ପ୍ରମାଣପତ୍ର ମଧ୍ୟ ମୋ ପାଖରେ ଅଛି । ହେଲେ ସେ ଦରମା କିପରି ପାଉଛନ୍ତି ତାହା ମୁଁ କହି ପାରିବି ନାହିଁ। ମୁଁ ମୋ କର୍ତ୍ତବ୍ୟ କରୁଛି ବୋଲି କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ତାଙ୍କ ମୋବାଇଲ ନଂ ୯୪୩୭୮୨୨୪୨୧ରେ ଯୋଗାଯୋଗ କରାଯାଇଥିଲା, ହେଲେ ସେ କୌଣସି ଉତ୍ତର ନ ଦେଇ ଫୋନ କାଟି ଦେଇଥିଲେ । ଏଥିରୁ ପ୍ରମାଣିତ ହେଉଛି ବିଇଓ ଏବଂ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଚାଲିଛି । ଜିଲା ଶିକ୍ଷାଧିକାରୀ (ଡିଇଓ) ବିକାଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଅନ୍ୟ ଜଣେ ଅଧିକାରୀଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯିବ । ଯଦି ସେପରି କିଛି ହୋଇଥିବ ତାହାଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।



ସବୁଠାରୁ ଭଲକାମ କରିବାକୁ ଯାଉଥିବାବେଳେ ଧୀରେ ପଦକ୍ଷେପ ନେବା ଉଚିତ।

-ସିସେରୋ



## ସଂକ୍ଷେପରେ

### ମୁରାନ ଡ୍ୟାମ୍‌ରେ ସ୍ଥାୟୀ ପୋଲ ନିର୍ମାଣ ଦାବି
### ୧୦ ଜିଲାପାଳଙ୍କ ଅଫିସରେ ବିକ୍ଷୋଭ ପ୍ରଦର୍ଶନ

**ଦଶମନ୍ତପୁର,୮।୧୦(ଡି.ଏନ.ଏ):** ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଦୁଆରଶୁଣୀ ଗ୍ରାମପଞ୍ଚାୟତ ଅଧୀନ ଜଟିଆଗୁଡ଼ା ଗ୍ରାମସ୍ଥିତ ମୁରାନ୍ ଡ୍ୟାମ୍‌ରେ ଏ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ସ୍ଥାନୀୟ ବାସିନ୍ଦା ଆସନ୍ତା ୧୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ। ସ୍ଥାନୀୟ ପ୍ରଶାସନ ସେମାନଙ୍କ ସମସ୍ୟା ସମ୍ପର୍କରେ କୌଣସି ପଦକ୍ଷେପ ନ ନେଉଥିବାରୁ ସେମାନେ ଏପରି ଚରମ ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ବିଧାୟକ, ଏମ୍‌ପି, ଜିଲାପରିଷଦ ଅଧକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ଅନୁଧ୍ୟାନ କରିଛନ୍ତି, ପୋଲ ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଏଯାଏ କୌଣସି ପଦକ୍ଷେପ ହାତକୁ ନେଉ ନଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଡ୍ୟାମ୍‌ରେ ପୋଲ ନିର୍ମାଣ ହେଲେ ବୋରିଗୁମ୍ମା ବ୍ଲକ୍ ଏବଂ ନବରଙ୍ଗପୁର ଜିଲାକୁ ଯୋଗାଯୋଗ ସହଜ ହେବ ବୋଲି ଦୁଆରଶୁଣୀ ସରପଞ୍ଚ ଟୋପି ମୁଦୁଲି, ସମିତିସଭ୍ୟା ଜ୍ୟୋସ୍ନା ହିଆଲ, ପୀତବାସ ମୁଦୁଲିଙ୍କ ସହ ୧୬ ଖଣ୍ଡ ପଞ୍ଚାୟତର ଅନେକ ବାସିନ୍ଦା ମତପ୍ରକାଶ କରିଛନ୍ତି।

### ବିଧବା ଭତ୍ତା ପାଇବାରୁ ବଞ୍ଚିତ ୬ ଜଣ ବିଡିଓଙ୍କ ଦ୍ୱାରସ୍ଥ



କୋରାପୁଟ,୮।୧୦(ସ୍ୱ.ପ୍ର)- ସ୍ୱାମୀଙ୍କ ମୃତ୍ୟୁ ପରେ ବିଧବା ଭତ୍ତା ପାଇବାରୁ ବଞ୍ଚିତ ୬ ବିଧବା ସୋମବାର କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ପାଇକଫୁଲବେଡ଼ା ପଞ୍ଚାୟତର ଚାକିଲ ଗ୍ରାମର ପଦ୍ମା ସାଉଁନ୍ତା, ଝିମାଇ ଜାନି, ରାଧା ଜାନି, ଯଶୋଦା ଗୌଡ଼, ତୁଳସା ମୁଦୁଲି, ସୁଲୋଚନା ଗୌଡ଼ ସ୍ୱାମୀଙ୍କ ମୃତ୍ୟୁପରେ ବିଧବା ଭତ୍ତା ପାଇବା ପାଇଁ ନିଜର ସମସ୍ତ କାଗଜପତ୍ର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପୈଠ କରିବା ସହିତ ସ୍ଥାନୀୟ ସରପଞ୍ଚ ଓ ପିଇଓଙ୍କ ନିକଟରେ ବହୁବାର ନିବେଦନ କରିଛନ୍ତି। ହେଲେ ଏଯାଏ ସେମାନଙ୍କ ଦାବି ପୂରଣ ହୋଇ ନ ଥିବାରୁ ସେମାନେ ନିରାଶ ହୋଇ କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେନ୍ଦ୍ର ନାୟକଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ସ୍ୱାମୀଙ୍କ ମୃତ୍ୟୁକୁ ୫ରୁ ୧୦ ବର୍ଷ ବିତିଯାଇଥିବାବେଳେ ସରକାରଙ୍କ ୩୦୦ ଟଙ୍କା ବିଧବା ଭତ୍ତା ପାଇବା ପାଇଁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର, ଭୋଟ ପରିଚୟ ପତ୍ର, ଆଧାର କାର୍ଡ ,ଖାଉଟି କାର୍ଡ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଦେଇଛୁ। କିନ୍ତୁ ଆମ୍ଭମାନଙ୍କର ଦାବି ଏଯାଏ ପୂରଣ ହୋଇନାହିଁ। ଏବେ ବାଧ ହୋଇ ଆମେ ସୋମବାର କୋରାପୁଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେନ୍ଦ ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ତୁରନ୍ତ ବିଧବା ଭତ୍ତା ପ୍ରଦାନ ପାଇଁ ନିବେଦନ କରିଛୁ।

### ଦଣ୍ଡାବାଡିରେ ‘ମୋ ବୁଥ, ମୋ ଗୌରବ କାର୍ଯ୍ୟକ୍ରମ’

**ବୈପାରୀଗୁଡା, ୮।୧୦(ଡି.ଏନ୍.ଏ):** ବୈପାରୀଗୁଡା ବ୍ଲକ ଦଣ୍ଡାବାଡିରେ ସୋମବାର ‘ମୋ ବୁଥ, ମୋ ଗୌରବ କାର୍ଯ୍ୟକ୍ରମ’ ଅନୁଷ୍ଠିତ ହୋଇଯାଇଛି। କୋଟପାଡ ବିଧାୟକ ଚନ୍ଦ୍ର ଶେଖର ମାଝି, ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି , ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁର୍କୁ, କୋରାପୁଟ ବିଧାୟକ ପ୍ରତିନିଧି ସତ୍ୟ ନାରାୟଣ ମହାନ୍ତି, କୋଟପାଡ ବିଧାୟକ ପ୍ରାର୍ଥୀ ରାମ ଖିଲ, ଦଣ୍ଡାବାଡି ପଞ୍ଚାୟତ ସଭାପତି ହର ଗୌଡ, ବ୍ଲକ କଂଗ୍ରେସ ସଭାପତି ଗୌର ଚନ୍ଦ୍ର ପାତ୍ର, ବ୍ଲକ ଯୁବ କଂଗ୍ରେସ ସଭାପତି ଲକ୍ଷ୍ମଣ ନାୟକ ଓ ରଘୁମାଳି ପ୍ରମୁଖ ଉପସ୍ଥିତ ଥିଲେ। । ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରାଯିବା ସହ ଆଗାମୀ ନିର୍ବାଚନରେ କଂଗ୍ରେସ ସପକ୍ଷରେ ମତଦାନ କରିବାକୁ ବକ୍ତାମାନେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରରେ କଦଳିପଦର ଗ୍ରାମର ୪ ଜଣ, ଦଣ୍ଡାବାଡି ଗ୍ରାମର ୫ ଜଣ ଓ ଅଣ୍ଡରୀଯୋଡି ଗ୍ରାମର ଜଣେ ବିଭିନ୍ନ ଦଳ ଛାଡି କଂଗ୍ରେସରେ ମିଶିଛନ୍ତି।

# ନବରାତ୍ର ପାଇଁ ପୀଠ ଚଳଚଞ୍ଚଳ

**ଜୟପୁର,୮।୧୦(ନି.ପ୍ର.)**

ଜୟପୁରରେ ମଙ୍ଗଳବାରଠାରୁ ନବରାତ୍ର ଆରମ୍ଭ ହେବ। ବିଭିନ୍ନ ଦେବୀ ପୀଠ ଓ ମଣ୍ଡପରେ ମା’ଙ୍କ ପୂଜା ପାଇଁ ରୀତିନୀତି ଆରମ୍ଭ ହୋଇଛି। ଜୟପୁରର ଅଧିଷ୍ଠାତ୍ରୀ ମା’ ଭଗବତୀଙ୍କ ମନ୍ଦିର, ମା’ଦକ୍ଷିଣ କାଳିକା, ବସନ୍ତାୟୀ, ଜଗତ୍ ଜନନୀ, ସାତ ଭଉଣୀ , ଉଗ୍ରତାରା, ମା’ ମଙ୍ଗଳା ମନ୍ଦିରଗୁଡ଼ିକରେ ଭକ୍ତମାନେ ଦୀପ ଜାଳି ମଙ୍ଗଳ ମନାସୀଛନ୍ତି। ଦଶହରା ନେଇ ଲୋକଙ୍କ ଗହଳି ଚହଳି ଦେଖିବାକୁ ଲାଗିଲାଣି। ଉତ୍ସବ ଶେଷ ଦିନ ତଥା ବିଜୟା ଦଶମୀ ପଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲାଣି । ଜୟପୁରରେ ଦଶମୀରେ ଲାଠି ଯାତ୍ରା ପାଇଁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ପୀଠକୁ ଦଶହରା କମିଟି ପକ୍ଷରୁ ନିମନ୍ତ୍ରଣ ପ୍ରେରଣ ସରିଛି। ଜୟପୁରର ସହରର ମୁଖ୍ୟ ରାସ୍ତା ,ମହାତ୍ମା ଗାନ୍ଧୀ ରୋଡ଼, ଏନ.କେ.ଟି ରୋଡ଼ ସମେତ ସହରର ସମସ୍ତ ଗଳି କନ୍ଦି ଆଲୋକ ମାଳାରେ ସୁସଜ୍ଜିତ ହୋଇସାରିଲାଣି । ଜୟପୁରର ପ୍ରମୁଖ ପୂଜା ମଣ୍ଡପ ତଥା ରଜାନହର ଓ ଘରୋଇ ବସ୍ ମାଲିକ ସଂଘ ମଣ୍ଡପ ଗୁଡ଼ିକରେ ପୂଜା ଆରମ୍ଭ ନେଇ ପ୍ରସ୍ତୁତି ଶେଷ ହୋଇଛି।ଜୟପୁରରେ ମାଦଳା ସାହି, ପାୱାର ହାଉସ୍, ରିକ୍ସା ଷ୍ଟାଣ୍ଡ, ଗାନ୍ଧୀ ଛକ ବଣିକ ସଂଘ, ସରକାରୀ ବସ୍ ଷ୍ଟାଣ୍ଡ ସହ ଜୟନଗରରେ ମଧ୍ୟ ପୂଜା ମଣ୍ଡପ କରାଯାଇଛି। ଏ ବର୍ଷ ମଧ୍ୟ ଜୟପୁର ଦଶହରାରେ ରଙ୍ଗାରଙ୍ଗ୍ କାର୍ଯ୍ୟକ୍ରମରେ ଜୟପୁର ଦୁଲୁକିବ ବୋଲି ଜୟପୁର ଦଶହରା କମିଟି ଅଧ୍ୟକ୍ଷ ତଥା ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି।



ଜୟପୁରରେ ଦୁର୍ଗାପୂଜା ପାଇଁ ନିର୍ମିତ ତୋରଣ ।



ଜୟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ଭଗବତୀ ।

- ଆଜିଠୁ ନବରାତ୍ର ଆରମ୍ଭ
- ମୁମ୍ବାଇ, କଟକ, ଭୁବନେଶ୍ୱର କଳାକାର ହେବେ ସାମିଲ

ଏବର୍ଷର ମୁଖ୍ୟ ଆକର୍ଷଣରେ ଭଜନ ସମାରୋହ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି । ମୁମ୍ବାଇର ପ୍ରସିଦ୍ଧ ଗାୟକ ସୁରେଶ ଓାଦେକର ଓ ବେଲା ସୁଲେଖି ଜୟପୁରରେ ଦଶହରାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ। ୧୪ରେ ପୁରୁଣା ପ୍ରତାପ ହଳଠାରେ ତେଲୁଗୁ ଗାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମ ରହିଛି। ୧୫ରେ ବସନ୍ତାୟୀ ମନ୍ଦିର ନିକଟରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ମେଲୋଡି ରହିଥିବା ବେଳେ ୧୬ରେ ବାବୁ ପାଣିଗ୍ରାହୀ ଓ ଗ୍ରୁପଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ରହିଛି। ୧୭ରେ ସ୍ଥାନୀୟ ରଜାନହର ଛକଠାରେ ସ୍ଥାନୀୟ କଳାକାରଙ୍କଦ୍ୱାରା ସ୍ୱର ଘୁଙ୍ଗୁରର ସଙ୍ଗୀତ କାର୍ଯ୍ୟକ୍ରମ ରହିଥିବା ବେଳେ ୧୮ରେ ଜୟପୁର ଦଶହରାର ବଡ କାର୍ଯ୍ୟକ୍ରମ ରଜାନହର ଛକଠାରେ ଅନୁଷ୍ଠିତ ହେବ । ଉକ୍ତ ଦିନ ମୁମ୍ବାଇର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଦଶହରା ଦିନ ରାବଣ ପୋଡ଼ି ସହ ଆତସବାଜୀ କାର୍ଯ୍ୟକ୍ରମ ଦଶହରା ପଡ଼ିଆରେ ଆୟୋଜନ ହେବ। ଏଥିସହ ବିଭିନ୍ନ ଅଞ୍ଚଳର ଆଦିବାସୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱର,କଟକ,ମୁମ୍ବାଇ ସହ ସ୍ଥାନୀୟ କଳାକାର ଜୟପୁର ଦଶହରାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମରେ ଡିଆଇଜି, ଜିଲାପାଳ, ଏସପି, ଉପ ଜିଲାପାଳ ଅତିଥିଭାବେ ଯୋଗ ଦେବେ ବୋଲି ସହମତି ପ୍ରକାଶ କରିଛନ୍ତ। ତେବେ ଜୟପୁର ପ୍ରତିବର୍ଷ ପରି ଅବିଭକ୍ତ କୋରାପୁଟ ଜିଲାର ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିବ ବୋଲି ଚର୍ଚ୍ଚା ହେଉଛି। ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ତରଫରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି।

# ୯୧. ୮୬ କେଜି ଗଞ୍ଜେଇ ଜବତ

- ବୋଲେରୋ ଛାଡ଼ି ଚାଲାଣକାରୀ ଛୁ

**ଜୟପୁର,୮।୧୦(ଡି.ଏନ.ଏ/ନି.ପ୍ର. )**

କୋରାପୁଟ ଜିଲା ଜୟପୁର ସଦରଥାନ ପୋଲିସ ବୋଲେରୋକୁ ଅଟକାଇ ସେଥିରୁ ୯୧. ୮୬ କି.ଗ୍ରା ଗଞ୍ଜେଇ ଜବତ କରିଛି। କିନ୍ତୁ ଘଟଣାସ୍ଥଳରୁ ଦୁଇଜଣ ଚାଲାଣକାରୀ ଫେରାର୍ ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ସଦରଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲୁଥିବା ବେଳେ ରଣ୍ଡାପାଲୀ ଗ୍ରାମ ଛକ ୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଜୟପୁରରୁ ବୋରିଗୁମ୍ମା ଅଭିମୁଖେ ଏକ ବୋଲୋରୋ (ଏମପି ୧୮ସି୩୪୬୫) ଦୃତ ଗତିରେ ଯାଉଥିଲା। ପୋଲିସ ଦଳକୁ ଦେଖି ବୋଲୋରୋ ଚାଳକ ଗାଡି ବୁଲାଇ ବିପରୀତ ଦିଗରେ ଜୟପୁର ପଟକୁ ଫେରିଥିଲା। କିନ୍ତୁ ପୋଲିସ ଦଳ ଉକ୍ତ ବୋଲୋରୋକୁ ପିଛା କରିଥିଲା। ସ୍ଥାନୀୟ ଉମୁରୀ ଗ୍ରାମ ବିଦେଶୀ ମଦ ଦୋକାନ ନିକଟରେ ଉକ୍ତ ବୋଲୋରୋକୁ ଛାଡ଼ି ଦୁଇ ଜଣ ଚାଲାଣକାରୀ ଅନ୍ଧାରର ସୁଯୋଗ ନେଇ ଦୌଡି ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଥିଲେ। ପୋଲିସ ଦଳ ଉକ୍ତ ବୋଲୋରୋ ଯାଞ୍ଚବଳେ ୬ଟି ବସ୍ତା ଗଞ୍ଜେଇ ଜବତ କରିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କଲେକ୍ଟର ରାଜେନ୍ଦ୍ର ଖରାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଛି। ଏହି ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ନେଇ ପୋଲିସ ସନ୍ଦେହ କରୁଛି। ଏହି ଚଢାଉ ମହିଳା ଏସ.ଆଇ ସୀମା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ସଦରଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।



ଜବତ ଗଞ୍ଜେଇ ।

- ଅତିଷ୍ଠ ହେଉଛି ଟ୍ରାଫିକ ସମସ୍ୟା

# ଥାନା ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

**ଜୟପୁର,୮।୧୦(ଡି.ଏନ୍.ଏ.)**

ଜୟପୁର ସହରରେ ଦିନକୁ ଦିନ ବଢୁଛି ଟ୍ରାଫିକ ସମସ୍ୟା। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା ପୋଲିସ କିମ୍ବା ପୌରସଂସ୍ଥା ପକ୍ଷରୁ କୌଣସି ଗ୍ରହଣ କରାଯାଉନାହିଁ। ଏ ନେଇ ସୋମବାର ମହାରଣୀପେଟା ଅଞ୍ଚଳର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ମହାରାଣୀପେଟା ଅଞ୍ଚଳର ଭଦ୍ରାୟା ସାହି, କାପୁ ସାହି, ରାମଦାସ ଲେନ୍ ଦେଇ ଦୈନିକ ବଜାରକୁ ଯାଇ ହୁଏ। ଉକ୍ତ ରାସ୍ତା ଅଣଓସାରିଆ। ତେଣୁ ବଜାରକୁ ଆସୁଥିବା ୪ ଚକିଆ, ଦୁଇ ଚକିଆ ଗାଡି ଏବଂ ଅଟୋ ଯୋଗୁ ରାସ୍ତା ଅବରୋଧ ହେବା ସହିତ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହିପରିକି ସ୍ଥାନୀୟ ଲୋକେ ଘରୁ ମଧ୍ୟ ବାହାରି ପାରୁନାହାଁନ୍ତି। ଜରୁରୀ ସମୟରେ ମଧ୍ୟ ଲୋକେ ଘରୁ ବାହାରି ପାରୁ ନାହାନ୍ତି। ଛୋଟ ପିଲାଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି। ତେଣୁ ତୁରନ୍ତ ଏହି ଟ୍ରାଫିକ ସମସ୍ୟାର ସମାଧାନ କରିବା ସହିତ ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କୌଣସି ୪ଚକିଆ ଯାନ ଓ ଅଟୋର ପ୍ରବେଶ ବନ୍ଦ କରାଯାଉ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ସାହି ବାସିନ୍ଦା ଏସ, ଶ୍ରୀନୁ, ଅରୁଣ ପାତ୍ର, ଏମ, ଭାନୁ, ଅନିଲ କୁମାର, ସୁଧର ଶତପଥି, ରମେଶ ନାୟକ, ୟୁ,ଏନ, ମହାନ୍ତି, ଏ, ଆଦିନାରାୟଣ, ପି. କିରଣ କୁମାର ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।



ମହାରାଣୀପେଟା ଅଞ୍ଚଳରେ ଟ୍ରାଫିକ ଜାମ୍ ।

### ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**କୋରାପୁଟ,୮।୧୦(ସ୍ୱ.ପ୍ର):**

କୋରାପୁଟସ୍ଥିତ କୋଲାବ ଜଳ ଭଣ୍ଡାରରୁ ସୋମବାର ଡୁମୁରିପୁଟ ପୋଲିସ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। କୋରାପୁଟ ବ୍ଲକ ଡୁମୁରିପୁଟ ପାହାଡ଼ ନିକଟସ୍ଥ କୋଲାବ ଜଳ ଭଣ୍ଡାରରେ ଏକ ମୃତଦେହ ଭାସିଥିବାର କିଛି ସ୍ଥାନୀୟ ବ୍ୟକ୍ତି ଦେଖି ସ୍ଥାନୀୟ ଡୁମୁରିପୁଟ ପୋଲିସରେ ଖବର ଦେବା ପରେ ଫାଣ୍ଡି ଅଧିକାରୀ ନୃସିଂହନାଥ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ମୃତ ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ବ୍ୟବଚ୍ଛେଦ ନିମନ୍ତେ ମୃତଦେହ କୋରାପୁଟ ମେଡିକାଲ କଲେଜକୁ ପଠାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

### ଫେରାର ଅଭିଯୁକ୍ତ ଗିରଫ

ବୈପାରୀଗୁଡା, ୮।୧୦(ଡି.ଏନ୍.ଏ.)

ବୈପାରୀଗୁଡା ପୋଲିସ ଡକାୟତି ଓ ଗଞ୍ଜେଇ ଚାଲାଣ ମାମଲାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚେରକା ଗ୍ରାମର ସୁଧିର ମାଣ୍ଡି। ତାଙ୍କ ନାଁରେ ବୈପାରୀଗୁଡା ଥାନାରେ ଏକ ଡକାୟତି ସହ ଗଞ୍ଜେଇ ଚାଲାଣ ଓ ଜୟପୁର ଥାନାରେ ଆଉ ଏକ ଗଞ୍ଜେଇ ଚାଲାଣ ମାମଲା ରହିଛି। ଜୁନ ୨୩ରେ କୋଟା ଛକରେ ସୁଧିର ଓ ତାଙ୍କ ୫ଜଣ ସହଯୋଗୀ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରିଥିଲା। ଏହି ସମୟରେ ସେ ଖସି ପଳାଇଥିଲେ। ଏ ନେଇ ବୈପାରୀଗୁଡା ଥାନାରେ ୮୦/୧୮ରେ ମାମଲା ରୁଜୁ ହୋଇଥଲା।

- ଆବାସ ଯୋଜନାରେ ବିଭ୍ରାନ୍ତିକର ତଥ୍ୟ

# ହିତାଧିକାରୀଙ୍କ କାନ୍ଥରେ କେନ୍ଦ୍ର , ରାଜ୍ୟ ସରକାରଙ୍କ ଚିତ୍ର




ପିତ ମିନରାବାଲିଆଙ୍କ ଆବାସ କାନ୍ଥରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚିତ୍ର ।




ପୂର୍ବ ବଡ଼ନାୟକଙ୍କ ଆବାସ କାନ୍ଥରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚିତ୍ର ।

**ବୈପାରୀଗୁଡା,୮।୧୦(ଡି.ଏନ୍.ଏ)**

ଆଗକୁ ସାଧାରଣ ନିର୍ବାଚନ। ବିଭିନ୍ନ ସରକାରୀ ଯୋଜନାରୁ ଫାଇଦା ଉଠାଇବାକୁ ରାଜନୈତିକ ଦଳଗୁଡ଼ିକ ସକ୍ରୀୟ ହେଉଥିବା ଜଣାପଡ଼ିଛି। ଏପରି ଜଣେ ହିତାଧିକାରୀଙ୍କ ନାମରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନା ଉଲ୍ଲେଖ ଥିବା ଦେଖିବାକୁ ମିଳୁଛି। ଏପରି କି ଆବାସ ଯୋଜନାରେ ହିତାଧିକାରୀଙ୍କ ଗୃହ କାନ୍ଥରେ ବିଭ୍ରାନ୍ତକାରୀ ତଥ୍ୟ ଦିଆଯାଉଛି। ବୈପାରୀଗୁଡ଼ା ବ୍ଲକ ଚନ୍ଦ୍ରପଡ଼ା ପଞ୍ଚାୟତ ବାଣୁଆଗୁଡା ଗ୍ରାମରେ ଆବାସ ଯୋଜନାରେ ଗ୍ରାମର ପିତ ମିନରା ବାଲିଆ ୧ ଲକ୍ଷ ୩୦ ହଜାର ଟଙ୍କାରେ ଏକ ଆବାସ ନିର୍ମାଣ କରିଛନ୍ତି। ତେବେ ଉକ୍ତ ଘର ସାମନା କାନ୍ଥରେ ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉଲ୍ଲେଖ ଥିବାବେଳେ ଅନ୍ୟପଟେ ରାଜ୍ୟ ସରକାରଙ୍କ ଲୋଗୋ ଓ ବିଜୁ ପଟ୍ଟନାୟକଙ୍କ ଫଟୋ ଥାଇ ଆମ ଘର ବିଜୁ ପଟ୍ଟନାୟକ ଓ ଓଡିଶା ସରକାର ଉଲ୍ଲେଖ ରହିଛି। ସେହିପରି ଅନ୍ୟ ଜଣେ ହିତାଧିକାରୀ ହେଲେ ମହୁଲି ପଞ୍ଚାୟତ ତଳଗୁଞ୍ଜି ଗ୍ରାମର ପୂର୍ବ ବଡନାୟକ । ସେ ରହୁଥିବା ସରକାରୀ ଆବାସ କାନ୍ଥରେ ଅନୁରୂପ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପଟ୍ଟନାୟକଙ୍କ ଫଟୋ ଥାଇ ବିଜୁ ପକ୍କାଘର ଉଲ୍ଲେଖ ରହିଛି। ଉକ୍ତ ଆବାସ ୨୦୧୭-୧୮ ବର୍ଷରେ ୧ ଲକ୍ଷ ୩୦ ହଜାର ଟଙ୍କା ଅଟକଳରେ ନିର୍ମିତ ହୋଇଥିବା ତଥ୍ୟ କାନ୍ଥରେ ଉଲ୍ଲେଖ ରହିଛି। ତେବେ ଉଭୟ ଘଟଣାରେ ହିତାଧିକାରୀ ରହୁଥିବା ଆବାସରେ ରାଜ୍ୟ ସରକାର ନା କେନ୍ଦ୍ର ସରକାରଙ୍କ ଅନୁଦାନ ତାହା ସାଧାରଣ ଲୋକଙ୍କୁ ବିଭ୍ରାନ୍ତି। ଉଭୟ ହିତାଧିକାରୀଙ୍କୁ ପଚାରିଲେ ସେମାନଙ୍କ ଘର କେଉଁ ଯୋଜନାରେ ତିଆରି ତାହା ସଠିକ୍ ଭାବେ କହି ପାରୁନାହାନ୍ତି। ଆମେ ପାଠ ପଢି ନାହୁଁ । ସରକାରୀ ବାବୁମାନେ କାଇଟା ଲେଖିବା ଆମକୁ ଜଣାନାହିଁ ବୋଲି ସେମାନେ ସ୍ଥାନୀୟ ପ୍ରଚଳିତ ଭାଷାରେ କହିଛନ୍ତି। ଅପରପକ୍ଷେ କେବଳ ଏହା ଦୁଇଟି ଘଟଣା ନୁହେଁ। ବ୍ଲକର ବିଭିନ୍ନ ପଞ୍ଚାୟତରେ ଆବାସ ଘର କାନ୍ଥରେ ଏପରି ବିଭ୍ରାନ୍ତକାରୀ ତଥ୍ୟ ଉଲ୍ଲେଖ ଥିବା ଅଭିଯୋଗ ହୋଇଛି । ସରକାରୀ ଯୋଜନାରୁ ରାଜନୈତିକ ଫାଇଦା ଉଠାଇବାକୁ ଏହା ଏକ ହୀନ ଚକ୍ରାନ୍ତ ହୋଇଥାଇ ପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଦୁଇଟି ଯୋଜନାରେ ହିତାଧିକାରୀଙ୍କ ନାମ ରଖି ଟଙ୍କା ହଡ଼ପ ହେଉଥାଇପାରେ ବୋଲି ସାଧାରଣରେ ଅଭିଯୋଗ ହୋଇଛି ।

# ଟ୍ରାକ୍ଟର ଚାପାରେ ବାଇକ୍ ଚାଳକ ମୃତ

- କ୍ଷତିପୂରଣ ଦାବିରେ ମୃତଦେହ ବ୍ୟବଚ୍ଛେଦ କରାଇ ଦେଉନାହାନ୍ତି ପରିବାର

**ନନ୍ଦପୁର, ୮।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ସରବଟି ଘାଟିରେ ସୋମବାର ଏକ ଟ୍ରାକ୍ଟର ଚାପରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କସନ୍ଧି ପଞ୍ଚାୟତ ରେଡାପୁଟି ଗ୍ରାମର ସରବୁ ଖରା(୩୦)। ମୃତକଙ୍କ ପରିବାର କ୍ଷତିପୂରଣ ଦାବିରେ ଥାନା ଆଗରେ ହୋ ହଲ୍ଲା କରିବା ସହ ମୃତଦେହ ବ୍ୟବଚ୍ଛେଦ କରିବାକୁ ଦେଇ ନ ଥିଲେ। ଆପୋଷ ବୁଝାମଣାରେ ସମାଧାନ କରିବାକୁ ଘଟଣାସ୍ଥଳରେ ବହୁ ନେତା ଓ ବୁଦ୍ଧିଜୀବୀ ରହି ଆଲୋଚନା ଜାରି ରଖିଛନ୍ତି। ପ୍ରକାଶ ଯେ, ସରବୁ ବାଇକ୍(ଓଡି-୧୦ଡି-୭୯୭୧) ଯୋଗେ ନନ୍ଦପୁରରୁ ନିଜ ଗାଁକୁ ଯାଉଥିଲେ। ଏହି ସମୟରେ ଆଗରେ ଯାଉଥିବା ଏକ ଟ୍ରାକ୍ଟର(ଓଡି-୧୦ଡି-୨୫୭୨)କୁ ଅତିକ୍ରମ କରିବା ବେଳେ ଭାରସମ୍ୟ ହରାଇ ପଡିଯିବାରୁ ତାଙ୍କ ଉପରେ ଟ୍ରାକ୍ଟରଟି ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଜବତ କରିବା ସହ ମୃତଦେହ ଉଦ୍ଧାର କରିଛି। ପରିବାର ଲୋକେ କ୍ଷତିପୂରଣ ଦାବିରେ ଥାନା ଆଗରେ ହୋହାଲ୍ଲା କରିବା ସହ ବର୍ତ୍ତମାନ ସୁଦ୍ଧା ମୃତଦେହ ବ୍ୟବଚ୍ଛେଦ କରାଇ ଦେଇ ନାହାନ୍ତି। ଆପୋଷ ବୁଝାମଣା ପାଇଁ ଭାଜପା ଜିଲା ସମ୍ପାଦକ ଭଗବାନ ପେଟିଆ, ନନ୍ଦପୁର ଜିଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାର, ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ଭଗବାନ ମୁଦୁଲି, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ବିଶ୍ୱନାଥ ଶିଶାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ହୋଇନାହିଁ।

# ୨ ବର୍ଷ ତଳୁ ଖୁଣ୍ଟି ପୋତା ହୋଇଛି, ବିଜୁଳି ସଂଯୋଗ ମିଳୁନି

**ବୈପାରୀଗୁଡ଼ା,୮।୧୦(ଡି.ଏନ୍.ଏ.)**

ସରକାରଙ୍କ ବିଭିନ୍ନ ଯୋଜନାରେ ଗ୍ରାମାଞ୍ଚଳରେ ବିଦ୍ୟୁତ ସଂଯୋଗ କରିବାର ବ୍ୟବସ୍ଥା ହେଉଛି। କିନ୍ତୁ ବୈପାରୀଗୁଡା ବ୍ଲକ ପୂଜାରୀଗୁଡା ପଞ୍ଚାୟତ ପରଜାଗୁଡା ଗ୍ରାମରେ ୨ ବର୍ଷ ତଳେ ବିଦ୍ୟୁତ ଖୁଣ୍ଟ ପୋତାଯାଇଥିଲା। କିନ୍ତୁ ଏଯାବତ୍ ସେଠାରେ ବିଦ୍ୟୁତ ସଂଯୋଗ ହୋଇନଥିବା ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି।

ପ୍ରକାଶ ଯେ ବ୍ଲକ ସଦର ମହକୁମାଠାରୁ ୨ କିମି ଦୂରରେ ରହିଛି ପରଜାଗୁଡା ଗ୍ରାମ । ଏହି ଗ୍ରାମରେ ଆଦିବାସୀ ପରଜା ସଂପ୍ରଦାୟର ୧୩ ପରିବାର ରହନ୍ତି। ୨ ବର୍ଷ ତଳେ ଉକ୍ତ ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯିବା ପାଇଁ କାମ ଆରମ୍ଭ ହୋଇଥିଲା। ଏଥିରେ ନିୟୋଜିତ ଠିକାଦାର ଗ୍ରାମରେ କେବଳ ବିଦ୍ୟୁତ ଖୁଣ୍ଟ ପୋତି ସେତିକିରେ କାମ ବନ୍ଦ କରିଦେଇଥିଲେ। ସେଠାରୁ ପ୍ରାୟ ଅଧା କିମି ଦୂର ଭେଜାପାବିଲି ଗ୍ରାମରେ ବିଦ୍ୟୁତ ଆଲୋକ ସୁବିଧା ଥିବା ବେଳେ ଏହି ଗ୍ରାମକୁ ଏଯାବତ୍ ବିଦ୍ୟୁତ ସଂଯୋଗ ହୋଇପାରିଲା ନାହିଁ। ୨ ବର୍ଷ ବିତି ଯାଇଥିବା ବେଳେ ଠିକାଦାରଙ୍କ ଦେଖା ଦର୍ଶନ ନ ଥିବା ଯୋଗୁ ଗ୍ରାମ ଲୋକେ କେବେ ବିଜୁଳି ଆଲୁଅ ଦେଖିବେ, ତାହା ସନ୍ଦେହରେ। ଦୀପ ତଳେ ଅନ୍ଧାର ପରି ବ୍ଲକ ସଦର ମହକୁମାଠାରୁ ମାତ୍ର ୨ କିମି ଦୂର ଏହି ଗ୍ରାମ ଲୋକଙ୍କ ପାଇ ବିଜୁଳି ଆଲୁଅ ସ୍ୱପ୍ନ ବୋଲି ଗ୍ରାମର ବଳି ପୂଜାରୀ, ନିଳକ କମାର, କାଶୀନାଥ ପରଜା, ସନ୍ୟାସୀ ପରଜା ଓ ସମାରି ପରଜା ପ୍ରକାଶ କରିଛନ୍ତି।



ବିଦ୍ୟୁତ୍ ତାର ସଂଯୋଗ ହୋଇ ନ ଥିବା ଖୁଣ୍ଟ ନିକଟରେ ଅଭିଯୋଗ କରୁଛନ୍ତି ବାସିନ୍ଦା ।

